ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Vol.26 . No.58 Bhubaneswar Thursday April 06 2023 ୨୬ତମ ବର୍ଷ ସଂଖ୍ୟା-୫୮ ଭୁବନେଶ୍ୱର, ଗୁରୁବାର, ଅପ୍ରେଲ ୦୬, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ୨.୨୬ଲକ୍ଷ ପଦବୀ ଖାଲି, ୯ଲକ୍ଷ ପଞ୍ଜୀକୃତ ବେକାର ବୁଲୁଛନ୍ତି; ଅବସରପ୍ରାପ୍ତଙ୍କୁ ଦେବେ ନିଯୁକ୍ତି

ଭୁବନେଶ୍ୱର,୫।୪(ପି.ଏନ) : ରାଜ୍ୟରେ ପ୍ରାୟ ୨.୨୬ଲକ୍ଷ ସରକାରୀ ପଦବୀ ଖାଲି ପଡିଛି । ରାଜ୍ୟ ସରକାରଙ୍କ ଏମ୍ପ୍ଲଏମେଂଟ ଏକ୍ସଚେଞ୍ଜରେ ପ୍ରାୟ ୯ଲକ୍ଷ ଶିକ୍ଷିତ ବେକାର ଯୁବକଯୁବତୀ ଚାକିରି ଆଶାରେ ପଞ୍ଜିକୃତ କରିଛନ୍ତି । ରାଜ୍ୟରେ ବେକାର ସମସ୍ୟା ୫.୩ ପ୍ରତିଶତ ରହିଛି ବୋଲି ଅର୍ଥନୀତିକ ସର୍ଭେ ? ରିପୋର୍ଟ ୨୦୨୨-୨୩ରେ ଖୋଦ୍ ରାଜ୍ୟ ସରକାର ଆକଳନ କରିଛନ୍ତି । ତଥାପି ଏହି ଶିକ୍ଷିତ ବେକାର ଯୁବକଯୁବତୀଙ୍କୁ କର୍ମନିଯୁକ୍ତି ଦେବା ପରିବର୍ତ୍ତେ ? ରାଜ୍ୟ ସରକାର ଏବେ ଅବସରପ୍ରାପ୍ତ ବାବୁମାନଙ୍କୁ (ଓଡିଶା ପ୍ରଶାସନିକ ସେବାର ଅଫିସର) କିଭଳି ପୁନଃନିଯୁକ୍ତି ଦେଇହେବ ସେ ନେଇ ବିଧିବଦ୍ଧ ସଂକଳ୍ପ ଜାରି କରିଛନ୍ତି । ଆଜି ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି ମାଥିଭାଥାନନଙ୍କ ଦ୍ୱାରା ଜାରି ସଂକଳ୍ପ ରାଜ୍ୟରେ ଲକ୍ଷ ଲକ୍ଷ ଶିକ୍ଷିତ ବେକାରଙ୍କ ପ୍ରତି ଉପହାସ ପାଲଟିଛି ।ନଗର ଉନ୍ନୟନ ବିଭାଗ ପକ୍ଷରୁ ଆଜି ଏନେଇ




ଏଭଳି ଏକ ସଂକଳ୍ପ ଜାରି କରାଯାଇଛି, ଯାହା କେବଳ ଓଡିଶା ପ୍ରଶାସନିକ ସେବାରୁ ଅବସର ନେଉଥିବା ବାବୁମାନଙ୍କୁ ଖୁସି କରିବା ନିମନ୍ତେ ଉଦ୍ଦିଷ୍ଟ ଥିବା ଭଳି ପ୍ରତୀତ ହେଉଛି । ଦୀର୍ଘବର୍ଷ ଧରି ନଗର ଉନ୍ନୟନ ବିଭାଗର ସଚିବ ଥିବା ଶ୍ରୀ ମାଥିଭାଥାନନଙ୍କ ଦ୍ୱାରା ଜାରି ଏହି ସଂକଳ୍ପରେ କୁହାଯାଇଛି ଯେ, ରାଜ୍ୟରେ ସହରୀକରଣ ଓ ସମସ୍ୟାମାନ ବୃଦ୍ଧି ପାଉଥିବାବେଳେ ପ୍ରଭାବୀ ତଦାରଖ ବ୍ୟବସ୍ଥାର ଅଭାବ ଯୋଗୁ ପୌରସଂସ୍ଥା ଗୁଡିକର ସଠିକ ପରିଚାଳନା କରିବା କଷ୍ଟକର ହୋଇପଡିଛି । ତେଣୁ ତୁରନ୍ତ ଓ ମଧ୍ୟବର୍ତ୍ତୀ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ସମସ୍ତ ଜିଲ୍ଲା ସହରାଂଚଳ ବିକାଶ ଏଜେନ୍ସି(ଡିୟୁଡିଏ)ର ପ୍ରକଳ୍ପ ନିର୍ଦ୍ଦେଶକ ପଦବୀରେ ଓଡିଶା ପ୍ରଶାସନିକ ସେବା(ଓଏଏସ, ଓଏଫଏସ, ଓପିଏସ, ଓଆରଏସ, ଜିଲ୍ଲା ପରିସଂଖ୍ୟାନ ଅଧିକାରୀ, ଜିଲ୍ଲା କ୍ଷୁଦ୍ର ସଂଚୟ ଅଧିକାରୀ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ)ର ଅବସରପ୍ରାପ୍ତ ଅଫିସରମାନଙ୍କୁ ଏଥିରେ ନିଯୁକ୍ତି ଦେବାକୁ ନିଷ୍ପତ୍ତି ନେଇଛନ୍ତି ।

## ଜାପାନରୁ ମିଳିଲା ୨୬ହଜାର କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି

ଭୁବନେଶ୍ୱର,୫।୪(ପି.ଏନ): ଓଡିଶାରେ ୨୬ହଜାର କୋଟି ଟଙ୍କାର ନିବେଶ ପାଇଁ ଜାପାନୀ ପୁଞ୍ଜିନିବେଶକମାନେ ପ୍ରତିଶ୍ରୁତି ଦେଇଛନ୍ତି । ଟୋକିଓରେ ଆୟୋଜିତ ଓଡିଶା ବିଜିନେସ ମିଟ୍ କାର୍ଯ୍ୟକ୍ରମରେ ଓଡିଶାରେ ଗ୍ରୀନ୍ ହାଇଡ୍ରୋଜେନ ଓ ଗ୍ରୀନ୍ ଆମୋନିଆ ସମେତ ଗ୍ରୀନ୍ ଏନର୍ଜି ଉପକରଣ ନିର୍ମାଣ, ଆଇଟି କ୍ଷେତ୍ର,ଷ୍ଟିଲ ଓ ମେଟାଲ ଡାଉନଷ୍ଟ୍ରିମ୍ କ୍ଷେତ୍ର ଆଦିରେ ନିବେଶ ପାଇଁ ଜାପାନୀ ନିବେଶକମାନେ ଆଗ୍ରହ ଦେଖାଇଛନ୍ତି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ପ୍ରେସ୍ ରିଲିଜରେ ସୂଚନା ଦିଆଯାଇଛି । ଭୁବନେଶ୍ୱରସ୍ଥିତ ଆଇଆଇଆଇଟି ଓ ନିହନ ଉତ୍କଳ ମଧ୍ୟରେ ଦକ୍ଷତା ବିକାଶ କ୍ଷେତ୍ରରେ ସହଯୋଗ ପାଇଁ ଏକ ଏମଓୟୁ ମଧ୍ୟ ସ୍ୱାକ୍ଷରିତ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ



ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଏବେ ଜାପାନ ଗସ୍ତରେ ଅଛି । ଗସ୍ତର ଆଜି ଦ୍ୱିତୀୟ ଦିନରେ ଟୋକିଓରେ ଆୟୋଜିତ ଓଡିଶା ବିଜନେସ୍ ମିଟରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଜାପାନର ନିବେଶକମାନଙ୍କୁ ଓଡିଶାରେ ନିବେଶ ପାଇଁ ଆହ୍ୱାନ କରିଥିଲେ । ଓଡିଶା ଏବେ ଭାରତର ଦ୍ରୁତଗତିରେ ଅଭିବୃଦ୍ଧି କରୁଥିବା ଅର୍ଥନୀତି ଓ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ହାର କ୍ରମାଗତ ଭାବେ ଜାତୀୟ ହାରଠୁ ଏକ ଦଶନ୍ଧି ହେଲା ଅଧିକ ରହିଛି ।

## ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



### ୰ମାଳତୀ ସ୍ୱାଇଁ

ବେଲସୁନ୍ଦରୀ, ଅଳତି, କେନ୍ଦୁଝର

ତିରୋଧାନ:୨୬.୩.୨୦୨୩

**ଆଜି ଦ୍ୱାଦଶାହରେ ତୁମ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଈଶ୍ୱରଙ୍କ ନିକଟରେ ପରମ ଶାନ୍ତି ଓ ସଦ୍‌ଗତି କାମନା କରୁଛୁ ।**

ଦିଲ୍ଲୀପ କୁମାର ସ୍ୱାଇଁ-ସ୍ୱାମୀ, ସୋମନାଥ ସ୍ୱାଇଁ-ଶ୍ୱଶୁର,
ପୁତ୍ର, କନ୍ୟା, ପୁତୁରା, ଝିଆରି, ଭଣଜା ଭାଣେଜି,
ଦେଢ଼ଶୁର, ଦିଅର, ଜା, ନଣନ୍ଦ
ବନ୍ଧୁ, ଆତ୍ମୀୟସ୍ୱଜନଓ ପରିବାରବର୍ଗ

## ଇଡି-ସିବିଆଇ ଜାଲରେ ସିସୋଦିଆ ଘାଇଲା

ନୂଆଦିଲ୍ଲୀ,୫।୪(ପି.ଏନ): ଦୁଇ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଜାଲରେ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଘାଇଲା। କେବେ ସିବିଆଇତ ପୁଣି କେବେ ଇଡି ତାଙ୍କୁ ତଦନ୍ତ ଫାସରେ ଫସେଇ ନାକେଦମ କରିସାରିଲେଣି। ସିସୋଦିଆ ଏବେ ତିହାର ଜେଲରେ ଥିବା ବେଳେ ଉଭୟ ସିବିଆଇ ଏବଂ ଇଡି ତାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ମିଳିତ ଭାବେ ତଦନ୍ତ କରୁଛନ୍ତି। ଦିଲ୍ଲୀ ମଦ ନୀତି ଅନିୟମିତତା ମାମଲାରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କୁ ବୁଧବାର ଦିଲ୍ଲୀର ରୌଜ୍ ଆଭିନ୍ୟୁ କୋର୍ଟରେ ହାଜର କରାଇଛି ଇଡ଼ିଅ।



ତେବେ ଇଡି ମାମଲାରେ ସିସୋଦିଆଙ୍କ ଆଜି ବିଚାରବିଭାଗୀୟ ହାଜତ ଅବଧି ଆଜି ଶେଷ ହେଉଛି। ତେଣୁ ଶୁଣାଣି ପାଇଁ ଆଜି ତାଙ୍କୁ କୋର୍ଟରେ ହାଜର କରାଯାଇଥିବା ଜଣାପଡିଛି। ଏହା ସହିତ ଆଜି ମନୀଷ ସିସୋଦିଆଙ୍କ ଜାମିନ ଆବେଦନ ଉପରେ ମଧ ଶୁଣାଣି ହେବ।ଏହା ପୂର୍ବରୁ ଗତ ୩ ତାରିଖରେ ସିବିଆଇ ସମ୍ପର୍କିତ ମନୀଷ ସିସୋଦିଆଙ୍କ ନ୍ୟାୟାୟିକ ହେପାଜତକୁ ଦିଲ୍ଲୀର ଏକ କୋର୍ଟ ଦୁଇ ସପ୍ତାହ ବୃଦ୍ଧି କରିଛନ୍ତି। ସିବିଆଇ ପକ୍ଷରୁ ଏହି ମାମଲାର ଏବେ ତଦନ୍ତ ଚାଲୁଛି। ଆଜି ସିସୋଦିଆଙ୍କୁ ସିବିଆଇ ଦିଲ୍ଲୀ କୋର୍ଟରେ ହାଜର କରିଥିଲା ଏବଂ ସିସୋଦିଆଙ୍କ ନ୍ୟାୟିକ ହେପାଜତକୁ ଦୁଇ ସପ୍ତାହ ବୃଦ୍ଧି ପାଇଁ ଆବେଦନ କରିଥିଲା। ଯାହାକୁ କୋର୍ଟ ମଞ୍ଜୁର କରିଛନ୍ତି। କୋର୍ଟ ଏପ୍ରିଲ୍ ୧୭ ପର୍ଯ୍ୟନ୍ତ ଆପର ଏହି ହେବିୱେଟ୍ ନେତାଙ୍କୁ ଜୁଡିସିଆଲ ରିମାଣ୍ଡରେ ପଠାଇଛନ୍ତି। ଗତ ସପ୍ତାହରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ସିସୋଦିଆଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ।

## ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୬ ଅପ୍ରେଲରେ ତିନି ଦିନିଆ ଗସ୍ତରେ ଯିବେ ଆସାମ

ଗୌହାଟି ,୫।୪(ପି.ଏନ): ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୬ ଅପ୍ରେଲକୁ ତିନି ଦିନିଆ ଗସ୍ତରେ ଆସାମ ଯିବେ। ସେ ୮ ତାରିଖ ପର୍ଯ୍ୟନ୍ତ କେତେକ କାର୍ଯ୍ୟକ୍ରମରେ ଭାଗ ନେବେ ।ସୂଚନା ଅନୁସାରେ ରାଷ୍ଟ୍ରପତି ମର୍ମୁ ୭ ଅପ୍ରେଲକୁ କାଜୀରଂଗା ରାଷ୍ଟ୍ରୀୟ ଉଦ୍ୟାନରେ ଆୟୋଜିତ ଗଜ ଉତ୍ସବ ୨୦୨୩ର ଉଦ୍‌ଘାଟନ କରିବେ । ଏହା ପରେ ଗୌହାଟିରେ ମାଂଉଟ କଂଚନଜଂଗା ଅଭିଯାନ ୨୦୨୩କୁ ପତାକା ଦେଖାଇ ସ୍ୱାଗତ କରିବେ । ସେଦିନ ସେ ଗୌହାଟିରେ ଗୌହାଟି ହାଇକୋଟର ୭୫ ବର୍ଷ ପୁରା ହେବା ଅବସରରେ ଆୟୋଜିତ ଏକ ସମାରୋହରେ ଭାଗ ନେବେ । ୮ ତାରିଖରେ ରାଷ୍ଟ୍ରପତି ତେଜପୁର ବାୟୁସେନା ଷ୍ଟେସନରେ ସୁଖୋଇ-୩୦ ଏମ୍ କେ ଆଇ ବିମାନ ଯୋଗେ ଦିଲ୍ଲୀ ଫେରିଆସିବାର ଯୋଜନା ରହିଛି ।

## ପ୍ରଥମଥର ଚନ୍ଦ୍ର ମିଶନରେ ଯିବେ ଜଣେ ମହିଳା

ନୂଆଦିଲ୍ଲୀ,୫।୪(ପି.ଏନ): ନାସାରେ ମିଶନ ଚନ୍ଦ୍ରରେ ସାମିଲ ହୋଇଛନ୍ତି ଜଣେ ମହିଳା। ପ୍ରଥମଥର ଜଣେ ମହିଳା ଚନ୍ଦ୍ରକୁ ଯିବେ। ସୋମବାର ନାସା ଉକ୍ତ ମହିଳାଙ୍କ ନାଁ ଘୋଷଣା କରିଛନ୍ତି। ପ୍ରଥମ ମହିଳା ଭାବେ ଚନ୍ଦ୍ରକୁ ଯିବେ ଖ୍ରୀଷ୍ଟିନା କୋଚ୍। ନାସାର ଆଗାମୀ ଚନ୍ଦ୍ର ମିଶନ୍ ପାଇଁ ତାଙ୍କ ନାଁକୁ ଘୋଷଣା କରାଯାଇଛି।ସୋମବାର ନାସା ପକ୍ଷରୁ ଆର୍ଟେମିସ୍-୨ ମିଶନ ଚନ୍ଦ୍ର ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଛି। ଏହି ମିଶନରେ ସାମିଲ ହେବାକୁ ଥିବା ୪ ମହାକାଶଚାରୀଙ୍କ ନାଁ ଘୋଷଣା କରାଯାଇଛି। ୪ ଜଣଙ୍କ ମଧ୍ୟରେ ୩



ଜଣ ପୁରୁଷ ଓ ଖ୍ରୀଷ୍ଟିନା ରହିଛନ୍ତି ।ଗତ ୫୦ ବର୍ଷ ଭିତରେ କୌଣସି ମହିଳା ପ୍ରଥମଥର ପାଇଁ ଚନ୍ଦ୍ରକୁ ଯାଉଛନ୍ତି। ଖ୍ରୀଷ୍ଟିନା ହେଉଛନ୍ତି ଜଣେ ଇଞ୍ଜିନିୟର। ତାଙ୍କ ନାଁରେ ପୂର୍ବରୁ ଅନେକ ରେକର୍ଡ ରହିଛି। ସବୁଠୁ ଅଧିକ ବାଟ ନିୟମିତ ସ୍ପେସ୍ ଫ୍ଲାଇଟ୍ ଚଳାଇବାରେ ସେ ପ୍ରଥମ ମହିଳା। ନାସା ପକ୍ଷରୁ କରାଯାଇଥିବା ସ୍ପେସୱାକ୍‌ରେ ସାମିଲ ଥିବା ୩ ଜଣ ମହିଳାଙ୍କ ମଧ୍ୟରେ ଖ୍ରୀଷ୍ଟିନା ରହିଥିଲେ।

## ନକଲି ସାର୍ଟିଫିକେଟ ମାମଲାର କ୍ରାଇମବ୍ରାଂଚ ତଦନ୍ତକୁ ନେଇ ଉଠିଲା ପ୍ରଶ୍ନ

ବଲାଙ୍ଗିର ,୫।୪(ପି.ଏନ): ବଲାଙ୍ଗୀରର ନକଲି ସାର୍ଟିଫିକେଟ କାରବାରର ଚେର ରାଜ୍ୟର ବିଭିନ୍ନ ଜିଲ୍ଲା ତଥା ରାଜ୍ୟବାହାରକୁ ଲମ୍ବିଥିବା ସନ୍ଦେହ କରାଯାଉଛି। ଯେହେତୁ ଏକ ବଡ ର୍ୟାକେଟ ଦ୍ୱାରା ଏହା ପରିଚାଳିତ ହେଉଛି ଓ ଅନେକ ବିଭାଗର ଚାକିରିରେ ଏହି ନକଲି ସାର୍ଟିଫିକେଟ ବ୍ୟବହାର ହୋଇସାରିଛି ତେଣୁ କିଛି ପ୍ରଭାବଶାଳୀ ଲୋକଙ୍କ ସଂପୃକ୍ତି ଥିବା ମଧ୍ୟ ସନ୍ଦେହ କରାଯାଇଛି । ସେଥିପାଇଁ ରାଜ୍ୟସରକାର ଏହି ମାମଲାର ତଦନ୍ତ ଜିଲ୍ଲା ପୋଲିସ ଠାରୁ ନେଇ କ୍ରାଇମବ୍ରାଞ୍ଚକୁ ଦେଇଛନ୍ତି । କ୍ରାଇମବ୍ରାଞ୍ଚର ଜଣେ ଡିଏସପି ଦେବବ୍ରତ ଚକ୍ରଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ ଆସି ମାମଲାକୁ ତଦନ୍ତ କରୁଛନ୍ତି । କିନ୍ତୁ ୫ଦିନ ପୂର୍ବରୁ ପୋଲିସ ଯେତେ ପର୍ଯ୍ୟନ୍ତ ତଦନ୍ତ କରିଥିଲା ଆଜି ମଧ ସେହି ଅବସ୍ଥାରେ ରହିଛି । ଗତ ୫ଦିନ ହେଲା ପୋଲିସ କେବଳ ଫର୍ମାଲିଟି ମେନଟେନ କରି ପୋଲିସ ଯେତେ ପର୍ଯ୍ୟନ୍ତ ତଦନ୍ତ କରିଥିଲା ସେହି ଭିତରେ ହିଁ ଗୋଲ ଗୋଲ ଘୁରୁଛି । ସେହି ପୋଷ୍ଟଅଫିସ,ରିଲାଏନ୍ସ କୋଚିଂସେଣ୍ଟର,ଥାନା ଓ ଅଭିଯୁକ୍ତ ମନୋଜ, ଆଲୋକ ରେ ତଦନ୍ତକୁ ସୀମିତ ରଖିଛି । କ୍ରାଇମବ୍ରାଞ୍ଚକୁ ମାମଲା ଯିବା ପୂର୍ବରୁ ପୋଲିସ ରାଜ୍ୟ ବାହାରକୁ ଯାଇ ନକଲି ସାର୍ଟିଫିକେଟର ଲିଙ୍କ ଖୋଜିବାର ବ୍ୟବସ୍ଥା କରିଥିଲା । କିନ୍ତୁ କ୍ରାଇମବ୍ରାଞ୍ଚ ସେଦିଗକୁ ଯିବାକୁ ଚିନ୍ତା ମଧ କରିନାହିଁ ଭଳି ଜଣା ପଡିଛି। ଗତକାଲି ମନୋଜ ମିଶ୍ର,ଅଲୋକ ଉଦଗାତା,ତ୍ରିବିହାରୀ ପଣ୍ଡା ଓ ପରେଶ ବୁଡେକଙ୍କୁ ରିମାଣ୍ଡରେ ଆଣିବାକୁ କୋର୍ଟରୁ ଅନୁମତି ପାଇଛି । ଆଜି ଅପରାହ୍ନ ୪ଟାରେ ଅଭିଯୁକ୍ତମାନଙ୍କୁ ଜେଲରୁ କ୍ରାଇମବ୍ରାଞ୍ଚ ଆଣିବ ବୋଲି କୁହାଯାଉଛି । ବଲାଙ୍ଗୀରରେ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ କରୁଥିଲେ ହେଁ ବଲାଙ୍ଗୀର ଗଣମାଧ୍ୟମକୁ ମଧ୍ୟ ସୂଚନା ଦିଆଯାଉନାହିଁ । ତେଣୁ ଗଣମାଧ୍ୟମ ପ୍ରତିନିଧିମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ତଦନ୍ତର ଗତିକୁ ନେଇ ଲୋକଙ୍କ ମନରେ ସନ୍ଦେହ ଜାତ ହେଉଛି । ଯେହେତୁ ଗତ ୪ଦିନ ହେଲା କେବଳ କିଛି ଅଂଶକୁ ନେଇ ତଦନ୍ତ କରୁଥିବା ଆଳରେ ଦିନ ଗଡାଇ ଚାଲିଛନ୍ତି । ଆଜି କ୍ରାଇମବ୍ରାଞ୍ଚ ଟିମ ଦିନ ୧୧ଟା ବେଳେ ବଲାଙ୍ଗୀର ମୁଖ୍ୟଡାକଘରକୁ ଯାଇ ଡାକ ଡିଭିଜନର ଅଧିକ୍ଷକ ରାଜେନ୍ଦ୍ରକୁମାର ପଟ୍ଟନାୟକଙ୍କ ସହିତ ଆଲୋଚନା କରିବା ସହିତ ଜାଲ ନଥିପତ୍ର ଦେଇ କିଭଳି ଚାକିରି ହାତେଇଥାନ୍ତେ ସେ ବିଷୟରେ ଆଲୋଚନା କରିଥିଲେ । ଆଜି ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ସାରିଲା ପରେ ନକଲି ସାର୍ଟିଫିକେଟ କିଣିଥିବା ଯୁବକମାନଙ୍କ ସହିତ ମୁହାଁମୁହିଁ କରାଇ ତଦନ୍ତ କରିପାରନ୍ତି ବୋଲି କୁହାଯାଉଛି । ନକଲି ସାର୍ଟିଫିକେଟର କ୍ରେତା ଓ ବିକ୍ରେତା ଉଭୟ ମୁହାଁମୁହିଁ ହେଲେ ଅନେକ ରହସ୍ୟ ଫିଟିବ ବୋଲି କୁହାଯାଉଛି । କ୍ରାଇମବ୍ରାଞ୍ଚ ବଲାଙ୍ଗୀର ଏସଡିଜେଏମ କୋର୍ଟରେ ମୁଖ୍ୟଅଭିଯୁକ୍ତ ମନୋଜ ମିଶ୍ର ଓ ଆଲୋକ ଉଦଗାତାଙ୍କ ସହିତ ଆଉ ଦୁଇଜଣ ସାର୍ଟିଫିକେଟଧାରୀ ତ୍ରିବିହାରୀ ପଣ୍ଡା ଓ ପରେଶ ବୁଡେକଙ୍କୁ ରିମାଣ୍ଡରେ ଆଣିବାକୁ ଆବେଦନ କରିଥିଲେ । ଅଧିକ ତଦନ୍ତ ପାଇଁ ଏହି ଚାରିଜଣଙ୍କୁ ୫ଦିନିଆ ରିମାଣ୍ଡ ଆବେଦନ କରାଯାଇଥିଲେ ହେଁ କୋର୍ଟ ମାତ୍ର ୩ଦିନିଆଁ ରିମାଣ୍ଡ ପାଇଁ ଅନୁମୋଦନ କରିଛନ୍ତି । ମାନ୍ୟବର କୋର୍ଟଙ୍କ ଅନୁମତି ପରେ ୪ଜଣଙ୍କୁ ରିମାଣ୍ଡରେ ଆଣି ତଦନ୍ତକୁ ବଢାଇବ । ଅଭିଯୁକ୍ତ ମନୋଜ ମିଶ୍ର,ତାଙ୍କ ସହଯୋଗୀ ଆଲୋକ ଉଦଗାତାଙ୍କ ଘରକୁ ମଧ ସର୍ଚ୍ଚ କରାଯାଇଛି ଗତକାଲି । ଏମାନଙ୍କ କଳାକାରନାମା ତଥା ବେଆଇନ ଆର୍ଥିକ କାରବାରରେ କିଏ କିଏ ସାମିଲ ଅଛନ୍ତି ସେନେଇ ତଦନ୍ତ କରାଯାଉଛି । ଏହା ସହିତ ଏମାନଙ୍କ ଘନିଷ୍ଠ କିଛି ପରିବାର ବର୍ଗଙ୍କୁ ତଦନ୍ତ ପାଇଁ ନୋଟିସ କରାଯାଇଥିବା କ୍ରାଇମବ୍ରାଞ୍ଚ ସୂଚନା ଦେଇଛି । ପ୍ରକାଶ୍ୟ ଯେ,ପୋଷ୍ଟାଲ ନିଯୁକ୍ତିରେ ଜାଲସାର୍ଟିଫିକେଟ ଦେଇ ୩୭ଜଣ ପ୍ରାର୍ଥି ଆବେଦନ କରିଥିବା ନେଇ ଗତ ମାର୍ଚ୍ଚ ୨୪ ତାରିଖରେ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗ ଆଧାରରେ ମାମଲା ନମ୍ବର ୧୪୧/୨୦୨୩ ଦଫା ୪୬୭/୪୬୮/୪୭୧/୩୪ ଆଇପିସି ଓ ମାର୍ଚ୍ଚ ୨୬ରେ ମାମଲା ନମ୍ବର-୧୪୩/୨୦୨୩ ଦଫା ୪୨୦/୪୬୫/୪୬୭/୪୬୮/୪୭୧/୩୪ ଆଇପିସିରେ ମାମଲା ରୁଜୁ ହୋଇଥିଲା । ଏହି ମାମଲାକୁ ତଦନ୍ତ କରିବାକୁ ରାଜ୍ୟସରକାର କ୍ରାଇମବ୍ରାଞ୍ଚକୁ ଦାୟୀତ୍ୱ ଦେଲେ । ଫଳରେ କ୍ରାଇମବ୍ରାଞ୍ଚ୍ ଥାନା କେସ ନମ୍ବର-୫/୨୦୨୩ ଓ କେସ ନମ୍ବର-୬/୨୦୨୩ ରୁଜୁ କରି କ୍ରାଇମବ୍ରାଞ୍ଚ ଡିଏସପି ଦେବବ୍ରତ ଚକ୍ରଙ୍କୁ ତଦନ୍ତ ଦାୟୀତ୍ୱ ଦିଆଯାଇଛି । ବଲାଙ୍ଗୀର ପୋଲିସ ଏହି ମାମଲାରେ ମୋଟ ୧୯ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେପଟେ ଅଭିଯୁକ୍ତ ମାଷ୍ଟରମାଇଣ୍ଡ ମନୋଜ ମିଶ୍ର କଳାଧନରେ ଅନେକଗୁଡିଏ ପ୍ଲଟ,ସୁନା ଗହଣା ଇତ୍ୟାଦି କିଣିଥିବା ବିଷୟରେ ତଦନ୍ତକାରୀ ସଂସ୍ଥା ସୂଚନା ପାଇଛି ।

## ସିବିଆଇ-ଇଡି ପ୍ରସଙ୍ଗ: ମୋଦି ସରକାରଙ୍କ ବିରୋଧରେ ସୁପ୍ରିମକୋର୍ଟ ଯାଇଥିବା ୧୪ ଦଳ ନିରାଶ

ନୂଆଦିଲ୍ଲୀ,୫।୪(ପି.ଏନ): କେନ୍ଦ୍ରସରକାର ନିଜ କ୍ଷମତାର ଦୁରୁପଯୋଗ କରି କେନ୍ଦ୍ରୀୟ ଅନୁସନ୍ଧାନକାରୀ ଏଜେନ୍ସିର ଅପବ୍ୟବହାର କରୁଥିବା ନେଇ ସୁପ୍ରିମକୋର୍ଟରେ ହୋଇଥିବା ମାମଲା ଖାରଜ ହୋଇଯାଇଛି। ଏହି ମାମଲାର ବିଚାର ପାଇଁ ଆଜି ସର୍ବୋଚ୍ଚ ନ୍ୟାୟାଳୟ ମନା କରିଦେଇଛନ୍ତି। କେନ୍ଦ୍ରରେ ମୋଦି ସରକାର କେନ୍ଦ୍ରୀୟ ତଦନ୍ତ ସଂସ୍ଥା ସିବିଆଇ ଏବଂ ଇଡିକୁ ଅପବ୍ୟବହାର କରି ରାଜନୈତିକ ପ୍ରତିଦ୍ୱନ୍ଦୀଙ୍କୁ ହଇରାଣ କରାଯାଉଥିବା ୧୪ଟି ବିରୋଧୀ ଦଳ ପକ୍ଷରୁ ମିଳିତ ଭାବେ ଅଭିଯୋଗ କରାଯାଇଥିଲା। ବିରୋଧୀ ଦଳ ପକ୍ଷରୁ ବରିଷ୍ଠ ଓକିଲ ଅଭିଷେକ ମନୁ ସିଙ୍ଘଭିଙ୍କ ପକ୍ଷରୁ ପିଟିସନ ଦାଖଲ କରାଯାଥିଲା। ୨୦୧୪ ପରଠାରୁ ପ୍ରଧାନମନ୍ତ୍ରୀ ମୋଦି କ୍ଷମତାକୁ ଆସିବା ପରଠାରୁ ସିବିଆଇ ଏବଂ ଇଡିକୁ ଉଦ୍ଦେଶ୍ୟମଳୂକ ଭାବେ



ବିରୋଧୀଙ୍କ ପକ୍ଷେ ବ୍ୟବହାର କରାଯାଇଛି ।ଗତ ସାତ ବର୍ଷ ମଧ୍ୟରେ ମଧ୍ୟରେ ୬ଗୁଣ ଅଧିକ ମାମଲା ପଞ୍ଜିକୃତ କରିଛି। କିନ୍ତୁ ଦୋଷୀ ସାବ୍ୟସ୍ତ ମାତ୍ର ୨୩ ପ୍ରତିଶତ ରହିଛି। ଏଥିସହ ସେ କହିଛନ୍ତି ଯେ ୯୫% ଇଡି ଏବଂ ସିବିଆଇ ମାମଲା ଦେଶର ବିଭିନ୍ନ ବିରୋଧୀ ଦଳର ନେତାଙ୍କ ବିରୋଧରେ ପଞ୍ଜିକୃତ ହୋଇଛି। ରାଜନୈତିକ ଉଦ୍ଦେଶ୍ୟରେ ପକ୍ଷପାତିତା କରଯାଉଛି। ତେବେ ଏହି ମାମଲାକୁ ଆଜି କୋର୍ଟ ଖାରଜ କରିଦେଇଛନ୍ତି। ସୂଚନା ଅନୁଯାୟୀ, କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସିବିଆଇ ଓ ଇଡିର ଅପବ୍ୟବହାର ହେଉଥିବା ଅଭିଯୋଗ କରି କଂଗ୍ରେସ, ଆର୍‌ଜେଡି, ଡିଏମ୍‌କେ, ଟିଏମ୍‌ସି, ଆପ୍, ବିଆରଏସ୍ ଏବଂ ଅନ୍ୟ ଦଳମାନଙ୍କ ସହ ମୋଟ୍ ୧୪ ରାଜନେତିକ ଦଳ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ ।ବିରୋଧୀ ଦଳ ନେତାମାନଙ୍କ ବିରୋଧରେ ଅପରାଧିକ ମାମଲାରେ କାର୍ଯ୍ୟାନୁଷ୍ଠାନ ବଢୁଥିବାରୁ ଏନେଇ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।








# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

## ପୁରାଣ କାହାଣୀ

# ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତାକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆମ୍ଭିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିରେ ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡେଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସିଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ଟିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ୱେସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖାଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




ଭୁବନେଶ୍ୱର, ୨୦୨୩, ଅପ୍ରେଲ ୬

## ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବ କାଳ ବଳେ....



ପୁଷ୍ପଲତା ସାହୁ, (ନାନା)

ସେହି ସକଳ ସୁଖଦ ଝଲମଲ ହସ ହସ ମଧୁବୋଳା ସ୍ନେହ ଉଚ୍ଚାରଣର ମୁହଁଟି ଅପସରି ଯାଇଛି । ଭୂଗୋଳ ପୋଥିପତ୍ରରେ ଅନାମଧେୟ ପଲ୍ଲୀ ମାଟିର କନ୍ୟା ଯୋଗଜନ୍ମା ସାଧିକା ଭାବେ ଖାନନଗର ଭୂଖଣ୍ଡରେ ସଞ୍ଚରିତ କରିପାରିଥିଲା ନିଜ ବ୍ୟକ୍ତିତ୍ୱକୁ । ଗାଉଁଲୀ କଥା, ଅତି ସାଧାରଣ ବେଶଭୂଷା, ପୋଷାକ ପରିଚ୍ଛଦ, ସୌଜନ୍ୟ ଓ ସଂପ୍ରୀତିରେ ଯିଏ ଜୀବନର ଶେଷ କାଳ ପାର୍ଯ୍ୟନ୍ତ ଛଳନା ଆଉ କପଟତାରେ ବଶବର୍ତ୍ତୀ ହୋଇନଥିଲା, କିଛି ମୁଠା ଭଲପାଇବା, ଶ୍ରଦ୍ଧା ଓ ଶୁଭେଚ୍ଛାର ମାଟି ନେଇ କାଠଯୋଡ଼ି କୂଳରେ ଶେଷ ବିଶ୍ରାମ ନେଇଗଲା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିଲୀନ ହୋଇ ସାଧନା, ସିଦ୍ଧି, ପ୍ରେମର ପରିଧି ଓ ସର୍ବଦା ସେବା ଓ ଭଲପାଇବାର ଜଣେ ନିରଳସ ସାଧିକା ଭାବେ ଆମ ସମସ୍ତଙ୍କ ଗହଣରେ ଅଶ୍ରୁସଜଳ ଇତିହାସର ଜୀବନ୍ତ ସ୍ମୃତିର କୋଣାର୍କ ପାଲଟିଗଲା । ସେ ତେଜଦୀପ୍ତ ମୁହଁ, ନିର୍ଭୀକ ଆଖି ଦୁଇଟିର ଗଭୀର ଆତ୍ମତ୍ୟାଗ ଓ ପ୍ରତ୍ୟୟର ଛାପ କେଉଁ ଆଡ଼େ ଲୁଚିଗଲା ସବୁଦିନ ପାଇଁ ସମସ୍ତଙ୍କ ଦୃଷ୍ଟିର ଆଢୁଆଳରେ । ଓଡ଼ିଶାର ତତ୍କାଳୀନ ଅନ୍ଧାରୀ ମୂଳକରେ ସେ ସମୟରେ ସେ ମହିଳା ଓ ଛୋଟ ଛୋଟ ଝିଅଙ୍କୁ ସମାଜରେ ଆଗକୁ ବଢ଼ି ନିଜେ ନିଜ ଗୋଡ଼ରେ ପ୍ରତିଷ୍ଠା ହେବାପାଇଁ ଯତ୍ କିଞ୍ଚିତ ଉଦ୍ୟମ କରିଥିଲେ । ଖାନନଗର ମଣି ମନ୍ଦିର ଅଞ୍ଚଳର ଧର୍ମପ୍ରାଣା ବାସନ୍ତୀ ସାହୁ ଥିଲେ ଏପରି ଜଣେ ଅନାଲୋଚିତ ବ୍ୟକ୍ତିତ୍ୱ ଯିଏ ଜୀବନରେ ପ୍ରଚାର ପ୍ରସାର ଠାରୁ ଦୂରେଇ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସମାଜ ସେବାରେ ନିଜକୁ ନିୟୋଜିତ କରୁଥିଲେ । ସମାଜ ସହିତ ଘର ପରିବାରକୁ ବେଶ ଆନନ୍ଦ ଓ ଆଧ୍ୟାତ୍ମିକ ଭାବନା ସହିତ ଆଗକୁ ନେଉଥିଲେ । ଆମେ ତିନିଝିଅ ପୁଷ୍ପଲତା, ଲକ୍ଷ୍ମୀପ୍ରିୟା ଓ ସରସ୍ୱତୀଙ୍କୁ ସେ ତିନିରତ୍ନ ବୋଲି ବିଚାର କରି ଆମ ମାନଙ୍କୁ ସମାଜରେ ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ ଜାରି ରଖିଥିଲେ । ତାଙ୍କର ଦୁଇ ଜ୍ୱାଇଁ ଧର୍ମାନନ୍ଦ ସାହୁ ଓ ସନାତନ ବାରିକ ମଧ୍ୟ ସମାଜରେ ପ୍ରତିଷ୍ଠା ଲାଭ କରିଛନ୍ତି । ଜୀବନରେ ବଢ଼େଇ ଚଢ଼େଇ ବା କାହାର କ୍ଷତି କରିବାର ଉଦ୍ଦେଶ୍ୟ ତାଙ୍କର ନଥିଲା । ତାଙ୍କ ଜୀବନର ପ୍ରତିଟି ମୁହୂର୍ତ୍ତ ବିତୁଥିଲା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ନାମ ସ୍ମରଣରେ । ତତ୍କାଳୀନ ସମୟରେ ନାରୀ ଶିକ୍ଷାକୁ ପ୍ରେରଣା ଯୋଗାଇବା ସହ ପ୍ରତ୍ୟେୟ ଅସହାୟ ଦୁଃଖିରଙ୍କିଙ୍କୁ ସେବା କରିବା ଓ ତାଙ୍କ ଓଠରେ ଟିକେ ହସ ଦେବା ସହ ଗଣ୍ଡାଏ ଖାଦ୍ୟ ମୁଠାଏ ଉପଲବ୍ଧ କରି ନୈତିକ ଶିକ୍ଷା ଦେବା ଥିଲା ତାଙ୍କ ଜୀବନର ଧର୍ମ । ପିଲାଟି ଦିନରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଚେତନାକୁ ନିଜ ବ୍ୟକ୍ତିଚେତନାରେ ରୂପାନ୍ତରିତ କରିଥିଲେ । ପ୍ରତ୍ୟେହ ଜଗନ୍ନାଥ ଅଷ୍ଟକମ୍, ଭାଗବତ ରାମାୟଣ ଆଦି ପାଠ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନିଜ ଆରାଧ ଦେବତା ଭାବେ ଗ୍ରହଣ କରିଥିଲେ । ତାଙ୍କ ଜୀବନଟି ଥିଲା ଏକ ଖୋଲା ବହି ସଦୃଶ । ପିଲାଟି ଦିନରୁ ନାରୀ ଶିକ୍ଷା ନାରୀ ମାନଙ୍କ ଭିତରେ ଆଧ୍ୟାତ୍ମିକ ଚେତନା ଭରିବା ସହ ସମାଜ ସେବା ଓ ନାରୀ ନୀତିକୁ ସେ ଜୀବନର କେବଳ ବ୍ରତ କରିନଥିଲେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଥିଲେ ।

ଏ ଅନିତ୍ୟ ସଂସାରରେ ଦିନେ ଯିବାକୁ ହିଁ ପଡ଼େ । ଯିବାଟା ହିଁ ବାସ୍ତବ ସତ୍ୟ । ତେବେ ଯେଉଁମାନେ ଭଗବତ କୃପାଭିକ୍ଷୁ ଓ ସମାଜ ସେବାରେ ନାରୀ ଚେତନାରେ ଜାଗରଣ ରଖିଥାନ୍ତି ସେମାନେ ଆପଣାର ସ୍ମୃତିର ପଦଚିହ୍ନକୁ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ । ଆମ ଗହଣରେ ବାସନ୍ତୀ ଦେବୀ ଆଉ ନାହାଁନ୍ତି ଏକଥା ନିଷ୍ଠୁର ସତ୍ୟ ହେଲେ ବି ବିଶ୍ୱାସ କରିହେଉନି କିନ୍ତୁ ମନୁଷ୍ୟ ତାର କର୍ମ ବଳରେ ସର୍ବଗ୍ରାସୀ କାଳକୁ ମଧ୍ୟ ଜୟ କରିପାରେ । ସେହିପରି ଦେଖିଲେ ଆଧ୍ୟାତ୍ମିକ ସାଧିକା, ନାରୀ ଚେତନା ଓ ଗାନ୍ଧୀ ଅନୁରାଗପୂର୍ଣ୍ଣ ତାଙ୍କ ବ୍ୟକ୍ତିତ୍ୱ କାଳଜୟୀ କହିଲେ ଅତ୍ୟୁକ୍ତି ହେବନାହିଁ । ସେ ଥିଲେ ନିଷ୍କଳଙ୍କ ଓ ଶୁଦ୍ଧ ପବିତ୍ର ସଂକଳ୍ପର ପ୍ରତୀକ । ଶ୍ରୀମଦ୍ ଭାଗବତରେ ନିଜ ଜୀବନ୍ତ ଭଗବାନ ସଦୃଶ ନିଜ ପିତାମାତାଙ୍କ ସେବାକର୍ମ ପ୍ରତି ଉଲ୍ଲେଖ ରହି ଲେଖା ହୋଇଛି – 'ଆଚାର୍ଯ୍ୟ ବ୍ରହ୍ମାର ମୂରତି, ପିତା ପ୍ରତ୍ୟକ୍ଷେ ପ୍ରଜାପତି । ଭ୍ରାତା ଯେ ମୂରତି ଇନ୍ଦ୍ରର, ମାତା ସାକ୍ଷାତ ପୃଥିବୀର । ଅଗ୍ନି ମୂରତି ଅଭ୍ୟାଗତ, ଆତ୍ମାର ମୂର୍ତ୍ତି ସର୍ବଭୂତ । ତାତ ଜନନୀ ଉପକାର, ଶୁଝି କେ ପାରିବ କୁମର । ଗର୍ଭେ ବହନ୍ତି ଦୁଃଖ ସହି, ପୁଣି ପାଳନ୍ତି କ୍ଷୀର ଦେଇ । ସର୍ବ ସମ୍ପଦ ପୁଣି ଦେଇ, ତାହାଙ୍କ ପୋଷଣେ ଜୀଅଇ । ତାହାଙ୍କ ପ୍ରତି ଉପକାରେ, ଶତ ବରଷେ କେହୁ ପାରେ ।' ଏହି ଦିବ୍ୟ ବାଣୀର ମହାବ୍ରତକୁ ଜୀବନରେ ପାଳନ କରୁଥିଲେ ବାସନ୍ତୀ ଦେବୀ । ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଆଧ୍ୟାତ୍ମିକ ସମାଜ ସେବା ଓ ନାରୀ ଚେତନାକୁ ବ୍ରତ କରିବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବାରେ ନିଜକୁ ସମର୍ପିତ କରିଥିଲେ । ଜାତସ୍ୟ ଧ୍ରୁବମୃତ୍ୟୁଂ ମନୁଷ୍ୟ କ୍ଷଣ ଭଙ୍ଗୁର ଜୀବନରେ ସଂସାରର ରୀତିନୀତି ଅନୁଯାୟୀ ବାହୁଡ଼ିବ ତ ନିଶ୍ଚୟ କିନ୍ତୁ ବାସନ୍ତୀ ଦେବୀଙ୍କ ପରି ଶ୍ରୀଜଗନ୍ନାଥ ଚେତନା ଓ ଆଧ୍ୟାତ୍ମିକ ମୂଲ୍ୟବୋଧ, ନାରୀ ଶିକ୍ଷା ଏସବୁକୁ ଏକ ବ୍ରତ କରି ଆଗେଇ ଚାଲିଥିବା ସମୟରେ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ଭାଗବତର ବିଲକ୍ଷଣ ଧାଡ଼ିଟି ସହ ଶେଷ କରୁଛି – 'କେହି ରହିନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମି ତଳେ, ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବ କାଳ ବଳେ ।'

*ମଣି ମନ୍ଦିର, ଖାନନଗର, କଟକ,*
*ଦୂରଭାଷ : ୯୪୩୯୭୨୩୯୫୭*

## ଜୀବନର କଥା



ନିରୁପମା ଭୂୟାଁ

ସୁଖ ଥିଲେ ଦୁଃଖ ଅଛି, ଆନନ୍ଦ, ଉପଲବ୍ଧି ଏବଂ ଈଶ୍ୱର ଚିନ୍ତନ ଏ ସବୁ ତ ଜୀବନର କଥା ଗାଥା ଆଉ ବ୍ୟଥା । କିନ୍ତୁ ବଡ଼ ଅଭାବନୀୟ ଦୁଃଖ ହେଉଛି ଆମ୍ଭ ମାନଙ୍କ ଗହଣରେ ଆମ ଲୋକମାନେ ଆମକୁ ହିଁ କ୍ଷତାକ୍ତ କରିବା । ଜୀବନରେ କେଉଁ ଯଶ ନେଇଯିବା ପାଇଁ ଆମେ ପ୍ରସ୍ତୁତ ହେଉଛେ କେବେ ଆମ ଅନ୍ତରାତ୍ମାକୁ ପଚାରିଛେ ? ଆମର ବ୍ୟକ୍ତିସ୍ୱଜନ, ଆତ୍ମୀୟ, ରକ୍ତଜ ଯେଉଁମାନେ ଆମର ସର୍ବସ୍ୱ ଖୁସି, ସୁଖ ଓ ଆନନ୍ଦକୁ ଚିନ୍ତା କରିବା କଥା କିନ୍ତୁ ସେମାନେ ଯେତେବେଳେ ଆନନ୍ଦର ଇନ୍ଦ୍ରଧନୁ ଭିତରେ କଳା ବାଦଲକୁ ପ୍ରବେଶ କରାନ୍ତି ଯେତେବେଳେ ଖୁସି ଭିତରେ ଦୁଃଖ ନୈରାଶ୍ୟର ଲୁଣପାଣିକୁ ମିଶାଇ ଦିଅନ୍ତି ସେମାନେ ଜାଣି ପାରନ୍ତି ନାହିଁ ଯେ ଜୀବନର ଏହି କଥାବ୍ୟଥା ଭିତରେ ଆମେ ସମସ୍ତେ ହିଁ ଏକାକାର । ବ୍ୟକ୍ତିନିଷ୍ଠ ଜୀବନ ଭିତରେ ଅନେକ ଆହ୍ୱାନକୁ ସାମ୍ନା କରିଛି । ସବୁଠି ଯେ ବିଜେତା ହୋଇଛି ତାହା ନୁହେଁ କିନ୍ତୁ ନୈରାଶ୍ୟର ମରିଚିକା ଭିତରେ ଆନନ୍ଦର ଉପଲବ୍ଧି ବଡ଼ ରାସ୍ତା ଦେଖାଇଛି ଆଲୋକବର୍ତ୍ତିକ ସଦୃଶ । କାହିଁକି କେଜାଣି ନିଜ ଲୋକମାନେ ଆମକୁ ହିଁ କ୍ଷତାକ୍ତ କରନ୍ତି ? ସ୍ୱାର୍ଥ, ଅବିଶ୍ୱାସର ଭାବନା ଚିରସ୍ଥାୟୀ ହୋଇପାରେନା । ଅମୃତ ଉପଲବ୍ଧି ଭିତରେ ତ୍ୟାଗ, ସମର୍ପଣ ତ ନିଶ୍ଚିନ୍ତ ଭାବେ ଜୀବନଚର୍ଯ୍ୟାର ବଡ଼ ଜୀବନାଦର୍ଶ । କିନ୍ତୁ ଏ ସବୁ ଭିତରେ ଆମ ମାନଙ୍କ ପାଇଁ ଆହ୍ୱାନ ହେଉଛି ଜୀବନକୁ ଆଗେଇ ନେବା ପାଇଁ ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ମାର୍ଗ ନିର୍ଦ୍ଦେଶିତ ମାନବୀୟ ମୂଲ୍ୟବୋଧର ଅନୁଚିନ୍ତନ । ଜୀବନ ଆଗେଇବ ଆମ୍ଭେମାନେ ବି ଆଗେଇବା କିନ୍ତୁ ଅବିଶ୍ୱାସ, ମିଥ୍ୟ, ପ୍ରଲୋଭନ, ଛଦ୍ମବେଶୀ ଆତ୍ମପ୍ରଚାର, ଅନ୍ୟ ପରିବାରର ଦୁଃଖ ସୃଷ୍ଟିକାରତା ଏହିପରି ଚରିତ୍ର କ'ଣ ପାଇଁ ଆଉ କେତେ ଦିନ ପାଇଁ ? ଭଗବାନ ସମସ୍ତଙ୍କୁ କଲ୍ୟାଣ କରନ୍ତୁ, ସମସ୍ତଙ୍କ ଭିତରେ ଅମୃତ ଚେତନା ରହିଛି, ସମସ୍ତେ ଅନ୍ୟ ପରିବାର ଭିତରେ ଝଡ଼ ସୃଷ୍ଟି କରିବା ପୂର୍ବରୁ ନିଜ ପରିବାରକୁ ଦେଖନ୍ତୁ, ନିଜ ବିବେକକୁ ଟିକେ ପଚାରନ୍ତୁ ଯେ ଆମ୍ଭେମାନେ ଅମୃତର ସନ୍ତାନ ତ ! ଆମ୍ଭେମାନେ ସାଇ ପରିବାରର ସଦସ୍ୟ ତ ! ତାହାହେଲେ ଜୀବନକୁ ନେଇ କାହିଁକି ମିଥ୍ୟାଚାର, କାହିଁକି ଛଳନାର ଛଦ୍ମବେଶୀ ଚାଦର ତଳେ ମମତାର ଭଲ ପାଇବା । ନିଜକୁ ଟିକେ ପଚାରନ୍ତୁ, ନିଜକୁ ବଦଳାନ୍ତୁ ଏହା ହିଁ ଆଜିର ସମୟ ପାଇଁ ଆମ ସମସ୍ତଙ୍କ ନିମିତ୍ତ ଏକ ଜୀବନାଦର୍ଶର ଆଲୋକବର୍ତ୍ତିକା ।

*ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା,*
*ପଲାଇ ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୯୩୭୪୭୦୯୮୦*

# ରାଜ୍ୟ ସୀମା ରେଖା ବାହାରେବି ଏକ ସ୍ୱର, 'ମୁଁ ବି ଗୋଟିଏ ଓଡ଼ିଆ ଛୁଆ'

ଦଶହରା ପର୍ବର ଭିଡ଼ ଭିତରେ, ଛଉ ନୃତ୍ୟ ସହିତ, ଓଡ଼ିଆ ଗୀତ । ଓଡ଼ିଆ ଗୀତରେ ଭାବ ପ୍ରବଣ ଯୁବା ଓ ଯୁବତୀ, ପିତା ଓ ମାତା, ସମ୍ବଲପୁରୀ ସାର୍ଟ, ଚୁଡ଼ିଦାର ଓ ଶାଢ଼ୀ ସହିତ ସମ୍ବଲପୁରୀ ଗୀତ ଓ ବାଦ୍ୟ, ପାଲା କୀର୍ତ୍ତନରେ, ଝୁମିଯିବା ଭିଡ଼କୁ ଓ ଠିଆ ହୋଇଥିବା ମାଟିକୁ କାହିଁକି ନ କହିବା, ଓଡ଼ିଆ ଅଞ୍ଚଳ, ଓରଫ ଝାଡଖଣ୍ଡ ?

'ମୋର ଘର ଚାଇବସା, କିନ୍ତୁ ମୁଁ ପୁଅ ପାଇଁ ବହୁ, ଆଉ ଝିଅ ପାଇ ଜ୍ୱାଇଁ, ଓଡ଼ିଶାରେ କରିଛି । ଆମର ଚାଲି ଚଳଣି ଦିଆ ନିଆ ସବୁ ଓଡ଼ିଆ', ଖୁସିରେ ଓ ଗର୍ବରେ କହିଲେ ଜଣେ ଅର୍ଦ୍ଧ ବୟସ୍କା ମହିଳା । ଚାଇବସା, ଝାଡଖଣ୍ଡରୁ ପ୍ରଥମ ଥର ରେଳ ଗାଡ଼ି ପାଇଁ ଚକ୍ରଧର ପୁର ରେଳ ଷ୍ଟେସନରେ ରେଳଗାଡ଼ି ଜଗି ଥିବା ସମୟରେ ଏକ ଆଳାପ ।

'ମୁଁ ଏହି ବସ୍ତିର ୱାର୍ଡ ପ୍ରଭାରି, ବିଗତ ପନ୍ଦର ବର୍ଷ ହେଲା ମୁଁ ନିର୍ବାଚିତ ହୋଇ ଆସୁଛି, ଏହି ବସ୍ତିଟି ଯାକ ଓଡ଼ିଆ । ଆମର ନିଜସ୍ୱ ଜାଗା ନାହିଁ, ସରକାରୀ ଜାଗାରେ ଅନାଦି କାଳରୁ ରହି ଆସିଛୁ । ଆମର ପୂଜା, ପ୍ରଥା, ଜାନୀ ଯାତ୍ରା, ଖିଆ ପିଆ, ସବୁ ଓଡ଼ିଆ' । 'ଏଠି ଓଡ଼ିଆ ନହେଲେ ୱାର୍ଡ ସଦସ୍ୟରେ ଜିତି ପାରିବ ନାହିଁ', କହିଲା ଚାଇବସା ବସଷ୍ଟାଣ୍ଡ ପାଖର 'ଗାଡିଖାନା' ବସ୍ତି ନିବାସୀ, ୱାର୍ଡ ପ୍ରଭାରି, ଯିଏକି ମୋର ନୂଆ ଇପ୍ସିତ ଅଣ ଆନୁଷ୍ଠାନିକ ଶିକ୍ଷା ପ୍ରକଳ୍ପ ପାଇଁ ମୁଖ୍ୟ ସୂଚନା ଦାତ୍ରୀ, ଗଙ୍ଗା ।

'ମୁଁ ଆମ ପଞ୍ଚାୟତର ସରପଞ୍ଚ । ମୋର ବାପା ମୁଖିଆ' । 'ଆମେ ଓଡ଼ିଆ ଗୀତ, ସିନେମା, ସବୁ ୟୁଟ୍ୟୁବରେ ଦେଖୁଁ । ପୁରୀ, ଭୁବନେଶ୍ୱର ଯାଉଁ । ଏଇ ବର୍ଷ ଆମ ଝିଅକୁ କେଉଁଝର, ଚମ୍ପୁଆରେ ବାହା ଦେବୁ' । 'ଆମ ଗାଁଟି କଣ, ପଞ୍ଚାୟତଟି ଯାକ ଓଡ଼ିଆ' । 'ତୁମ ପରି ଓଡ଼ିଆ କହି ପାରୁନୁ । ସରକାରୀ ଲେଖା ପଢ଼ାତ ହିନ୍ଦୀ ହୋଇଗଲା, କହୁଛୁ ଓଡ଼ିଆ, ଲେଖୁଛୁ ହିନ୍ଦୀ' । ଗତ ଏପ୍ରିଲ ମାସରେ ଏପରି ଉକ୍ତି, ପ୍ରକଳ୍ପ ଭ୍ରମଣ ସମୟରେ ଜଣେ ପଞ୍ଚାୟତର ସରପଞ୍ଚ କହିଥିଲେ ।

'ମୁଁ ଓଡ଼ିଆ ନୁହେଁ, ହୋ ଆଦିବାସୀ ଝିଅ, ବାହା ହୋଇଛି ହୋ ଆଦିବାସୀ ଘରେ । ମୁଁ ଓଡ଼ିଆ କୁହେ, ହୋ କୁହେ ଓ ହିନ୍ଦୀବି କୁହେ । ଆମର ହୋ ଲୋକ ବି ଓଡ଼ିଆ ଜାଣନ୍ତି । ଆମେ ସବୁ ମିଳି ମିଶି ରହୁଁ' । ପ୍ରକଳ୍ପ ଭ୍ରମଣ ସମୟରେ ଜଣେ ସ୍ୱାସ୍ଥ୍ୟ ସହାୟିକା ଏହି ଉକ୍ତି ପ୍ରକାଶ କରିଥିଲେ ।

'ମୁଁ ଓଡ଼ିଆ ପଞ୍ଚମ ଶ୍ରେଣୀ ଯାଏଁ ପଢିଲି । ତାପରେ, ଆଗକୁ ଶିକ୍ଷକ ମିଳନ୍ତି ନାହିଁ ବୋଲି, ପଢ଼ାରେ ଅସୁବିଧା ହେବ ଭାବି, ମୁଁ ହିନ୍ଦୀ ମାଧ୍ୟମରେ ବିଏ ସାରିଲି । ମୁଁ ଓଡ଼ିଆ ପଢ଼ି ଓ ଲେଖି ଜାଣେ । ବ୍ୟବହାର କମ, ତେଣୁ ଅଭ୍ୟାସ ଛାଡ଼ି ଯାଉଛି' । ଇଏ ହେଉଛନ୍ତି, ଝାଡ଼ଖଣ୍ଡର ଓଡ଼ିଆ ଅଧିବାସୀ, ମୋର ସହକର୍ମୀ ।

'ଓଡ଼ିଆ ଖାଦ୍ୟ, ଶାଗ, ପିଠା, ସନ୍ତୁଳା ନାନା ପ୍ରକାର । ପିଠା: କାକରା ପିଠା, ପୋଡ ପିଠା, ମଣ୍ଡା ପିଠା, ଶାରୁ ପତ୍ର ପିଠା, ତାଳ ପିଠା, ଆରିସା ପିଠା, ସର ପିଠା, ଶିଝା ପିଠା ଇତ୍ୟାଦି । ଶାଗରେ ବି ଅନେକ ପ୍ରକାର ଶାଗ, ଭାଜି ଶାଗ, ମେଥି ଶାଗ, ସଜନା ଶାଗ, ମୂର୍‌ଦଙ୍ଗ ଶାଗ, ମାର୍ଷି ଶାଗ, ଖପୁରୀ ଶାଗ, ଦେଶ ଶାଗ, ଇତ୍ୟାଦି । ମାଛ: ଭକୁର, ରୋହି, ମାଗୁର, ଇଲିସି, ପିତାଡି, ଝରାଡି, ବୁଆଡ, ହାଡ଼ି ଚେଙ୍ଗ, ଗଡେଇ, ଗେଥୁ ଇତ୍ୟାଦି । ହରକେଇ, ବଏତରଣି, ସୁବର୍ଣ୍ଣରେଖା ନଦୀରେ ବର୍ଷ ସାରା ମିଳେ । ଚିଙ୍ଗୁଡ଼ି ଛୋଟ ବଡ଼ ବିଭିନ୍ନ ପ୍ରକାର, ଅନେକ ପ୍ରକାର, ସ୍ଥାନୀୟ, ବନ୍ଧ, ସର, ନଦୀ ଇତ୍ୟାଦି ରୁ ମିଳେ । ମାଛର ପ୍ରଚୁର୍ଯ୍ୟତା ପାଇଁ ସ୍ଥାନୀୟ ଅଂଚଳର ସୁଖା, ପୋଡ଼ା, ଶୁଖୁଆ ମାଛ ବି ମିଳେ । ପଖାଳ ବାସି ଓ ଗରମ, ଉଭୟ ପଖାଳ ସାଙ୍ଗେ, ବଡ଼ିଚୁରା, ପାମ୍ପଡ, ଘାଣ୍ଟ, ନାନା ପ୍ରକାର ଚଟଣୀ, ଧନିଆ, ପଦିନା, ବିଲାତି, ବାଇଗଣ, ପୋଟଳ, ଆଳୁ, ଭେଣ୍ଡି, ନିମ ପତ୍ର ଚଟଣୀ, କଙ୍ଗରା ଚଟଣୀ ଇତ୍ୟାଦି । ଏସବୁ ଆମର ଭଲ । ଏଇଠି ହୋ ଆଉ ବିହାରିବି ଆମ ପରି ଖାଇବା ରୁଚି, ରୀତି ଓ ପ୍ରସ୍ତୁତି କରନ୍ତି' । 'ମୁଁ ନିଜେ ଏଇଠି ଏକ ହୋଟେଲ ରେ ଖାଏଁ, ବିହାର ପରି ଏଇଠି କଷ୍ଟ ହେଲା ନାହିଁ' । 'ଆଦିବାସୀଙ୍କ ପର୍ବ ଅଲଗା, ବାକି ସବୁ ଓଡ଼ିଆ ପର୍ବ ଓ ପୂଜା ଯଥା, ମଙ୍ଗଳା ଉଷା, ରଜ, ମକର, କାର୍ତ୍ତିକ ପୂର୍ଣ୍ଣମୀ, ଡଙ୍ଗାଭଶା, ସମଲେଶ୍ୱରୀ, ଗଜ ବେଣୀ, ତାରିଣୀ, ଗ୍ରାମ ପୂଜା, ବସ୍ତା ହାଣ୍ଡି, ଝୁମଙ୍କ ?ଶ୍ୱରି, ସୁଦେଶା ବ୍ରତ ଇତ୍ୟାଦି ପୂଜା ଏଠି ପାଳନ କରାଯାଏ', କହିଲେ, ଜଣେ ମୋ ଭଡ଼ା ଘର ପାଖ ଓଡ଼ିଆ ସ୍ଥାଇ ବାସିନ୍ଦା ବିଧବା ମହିଳା ପଡୋଶୀ । 'ସ୍ୱାମୀ ବି ଓଡ଼ିଆ, କାରଗିଲ ଯୁଦ୍ଧରେ ସହିଦ ହେଲେ ।'

ଜାମସେଦପୁର ସହରର ଜଣେ ଓଡ଼ିଆ ଭାଇ କହନ୍ତି, 'ମୁଁ ଜଣେ ଓଡ଼ିଆ, ମୋ ପରିବାରବୃନ୍ଦ ସମସ୍ତେ ଓଡ଼ିଆ, ଘରେ ଓ ବହାରେବି ଆମେ ଓଡ଼ିଆ କହୁ । ମୁଁ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ଜାମସେଦପୁର ସହରରେ ପଞ୍ଚମ ଶ୍ରେଣୀ ଯାଏଁ ପାଠ ପଢ଼ିଛି । ଉଚ୍ଚ ଶିକ୍ଷା ପାଇଁ ହିନ୍ଦୀ ସ୍କୁଲକୁ ଗଲି ।'

ଏପରି ଏକ ପରିବେଶରେ ଓଡ଼ିଆ ଭାଷା ବାଦୀଙ୍କ ପାଇଁ ଉତ୍କଳ ଦିବସ ଉପଲକ୍ଷେ ଏକ ଆଲେଖ୍ୟ ପ୍ରସ୍ତୁତ କରିବା ସମୟରେ ଇଣ୍ଟର ନେଟରେ ଦେଖିଲି, ଓଡ଼ିଶାର ରାଜନୈତିକ ଦଳ ସମୂହ ଝାଡ଼ଖଣ୍ଡ ସରକାରଙ୍କୁ ଅନୁରୋଧ କରନ୍ତି, ଓଡ଼ିଆ ଭାଷା 'ଶିକ୍ଷକ ପ୍ରଶିକ୍ଷଣ' ତାଲିମ ଖସଡ଼ାରୁ, ଓଡ଼ିଆ ଭାଷାକୁ ଉଚ୍ଛେଦ ନ କରାଯାଉ ।

ସାଢେଇଖଳାର ରାଜାଙ୍କ ଦାୟାଦ, ବ୍ୟକ୍ତିଗତ ସାକ୍ଷାତକାର ସମୟରେ ଶ୍ରୀ ପ୍ରତାପ ସିଂହଦିଓ କହନ୍ତି, ସବୁ ଖାଦ୍ୟ ପେୟ, ପର୍ବ ପର୍ବାଣୀ, ବିବାହ ବନ୍ଧୁତା ଏବେବି ଆମର ଓଡ଼ିଆ । ତାଙ୍କର ପାରିବାରିକ ସମ୍ପର୍କ କଳାହାଣ୍ଡି, ମୟୂରଭଞ୍ଜ, ପୁରୀ, ବଲାଙ୍ଗୀର ଇତ୍ୟାଦିର ରାଜ ପରିବାର ସହିତ ଏବେବି ରହିଛି । ଯିବା ଆସିବା ବି ଚାଲଛି । କିନ୍ତୁ ଏଇଠି, 'ହିନ୍ଦୀ' ସରକାରୀ ମାଧ୍ୟମର ଭାଷା, ସେଥିପାଇଁ, ଆମ ଓଡ଼ିଆ ଭାଷା ଝାଡଖଣ୍ଡରେ ଅବକ୍ଷୟ ହେଉଛି । ସଢେଇଖଳା ସହର ଯାକ ଓ ସିଂଭୁମ୍ ଜନତା ଓଡ଼ିଆ । ହୋ ଆଦିବାସୀବି ଓଡ଼ିଆ କହୁଥିଲେ, ଆଜି ଏହା ତାଙ୍କ ଭିତରେ ବିଲୁପ୍ତ ହେବାକୁ ଯାଉଛି । ଝାଡଖଣ୍ଡ ସରକାର, ସିଂଭୁମକୁ, ଓଡ଼ିଆ ଅଞ୍ଚଳ ସ୍ୱିକାର କରନ୍ତି । ଓଡ଼ିଆ ସ୍କୁଲ ଗୁଡ଼ିକ ବି ଏଇଠି ଅଛି । ପିଲା କଲେଜ ଓ ସିଂଭୁମ୍ କୁଲହାନ ବିଶ୍ୱବିଦ୍ୟାଳୟରେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ଓଡ଼ିଆରେ ବି କରନ୍ତି । ସଢେଇଖଳାର ଘରେ ଘରେ ପୁରେ ପୁରେ, ରାଜମହଲ ଠୁ ଆରମ୍ଭ କରି, ସବୁ ପଡ଼ା, ସାହି, ଦୋକାନ ବଜାର, ଗାଧୁଆ ତୋଠ, ଶ୍ମଶାନ ଇତ୍ୟାଦି ସବୁ ଜାଗାରେ ଓଡ଼ିଆ ଓ ଓଡ଼ିଆ ଭାଷା ପ୍ରଚଳିତ । ଦୋକାନ ବଜାରରେ, ଗାଁ ଓ ସହର ପ୍ରବେଶ ସ୍ଥାନରେ ଓଡ଼ିଆ ସୂଚନା ଫଳକ ଦେଖିବାକୁ ମିଳେ ।



ଡୁଇଟ ଡେଭିଡ ଫିଲିପ

ସିଂଭୁମ୍ ଅଞ୍ଚଳ ପାଇଁ କୁଲହାନ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଛି । ଏହାର ସ୍ନାତକତ୍ତର ବିଭାଗର ଏଚ୍‌ଓଡ଼ି ବା ମୁଖ୍ୟ ଡ. ହରିହର ପ୍ରଧାନ ସାକ୍ଷାତ କାର ସମୟରେ କହନ୍ତି, କୁଲହାନ ପ୍ରକୃତରେ ଏକ ଭୌଗଳିକ ଅଞ୍ଚଳ । ଏହା ଓଡ଼ିଆ ଓ ହୋ, ଭାଷା ବାଦି ଓ ଭୁସମ୍ପତ୍ତିରେ ପରିପୂର୍ଣ୍ଣ । ଓଡ଼ିଶା, ଭାଷା, ଗୀତ, ନୃତ୍ୟ, ପର୍ବ, ଖାଦ୍ୟ, ପୂଜା, ରୀତି, ନୀତି, ସଂସ୍କୃତି ଏହାର ପ୍ରମାଣ । ଛଉ ନୃତ୍ୟ, ସିଂଭୁମରୁ ଜାତ । ସିଂଭୁମ୍ ବର୍ତ୍ତମାନ ପୂର୍ବ ସିଂଭୁମ୍ ଓ ପଶ୍ଚିମ ସିଂଭୁମ୍ ନାମରେ ବିଭକ୍ତ, ତା ଉପରେ ସାଢେଇଖଳା ଏକ ଜିଲ୍ଲା । ଏହି ଅଞ୍ଚଳ ଓଡ଼ିଶାର ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର ସୀମାକୁ ଲାଗି ରହିଛି । ଏହି ତିନି ଜିଲ୍ଲାର ସହର ଓ ଗାଁ ମାନଙ୍କର ହାଟ, ବଜାର, ସ୍କୁଲ, କଲେଜରେ ପିଲା ବହୁ ମାତ୍ରାରେ ଓଡ଼ିଆ କହନ୍ତି । ଆନେକ ଗାଁ, ସମ୍ପୂର୍ଣ ଓଡିଆ । ଭଣ୍ଡାରି, ବାରିକ, କୁମ୍ଭାର, ଧୋବା, ଗଉଡ, ଗୁଡ଼ିଆ, ବ୍ରାହ୍ମଣ ନ ହେଲେ ବିବାହ ଓ ମୃତ୍ୟୁର କ୍ରିୟା କର୍ମ ଓଡ଼ିଆଙ୍କ ହେଉନାହିଁ ଓ ରାଜା ପ୍ରଜା ସବୁ ଓଡ଼ିଆ ରୀତିରେ ସାମାଜିକ ଓ ଧାର୍ମିକ କାର୍ଯ୍ୟ, ସହଜରେବି କରୁଛନ୍ତି ।'

'ଗୁରୁତ୍ୱ ପୂର୍ଣ୍ଣ ଓ ହୃଦୟ ବିଦାରକ ବିଷୟ ହେଉଛି, ଏହି ଅଞ୍ଚଳର ଅନେକ ସ୍ଥାନୀୟ ଓଡ଼ିଆ ଶବ୍ଦ, ଢଗ, ଢ଼ମାଣି, ଲୋକ ଗୀତ, କାହାଣୀ, ଯାହାକି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ବଳିଷ୍ଠ, ବଇଭବ, ବ୍ୟାପକ ଓ ଶ୍ରୀବୃଦ୍ଧି କରିପାରିବ, ତାହା ଓଡ଼ିଶା ଭାଷା ଓ ସାହିତ୍ୟ ସହିତ ଯୋଡ଼ା ଜାଇ ପାରୁନାହିଁ ବରଂ କ୍ଷୀପ୍ର ଗତିରେ ଲୋପ ପାଉଛି । ଓଡ଼ିଆ ଭାଷାର ଉନ୍ନତ ଅକ୍ଷର ଓ ବ୍ୟାକରଣ ଥାଇ, ଏହା ଏହି ଅଞ୍ଚଳରେ ଉପେକ୍ଷିତ, କିନ୍ତୁ ହୋ ଜନଜାତିର ଅକ୍ଷର ନ ଥାଇ ଏବେ ଅକ୍ଷର ଉଦ୍ଭାବନ କରାଯାଇଛି ଓ ହୋ ଭାଷାର ସଂରକ୍ଷଣ ଓ ଉନ୍ନତିର ପ୍ରକ୍ରିୟା ଜୋର୍ ସୋର୍ ରେ ଚାଲିଛି । ମୟୂରଭଞ୍ଜ, ବାଲେଶ୍ୱର, ସମ୍ବଲପୁର, କେଉଁଝର, ସୁନ୍ଦରଗଡ଼ ସହିତ ସିଂଭୁମ୍ ଓ କୁଲହାନ ଅଞ୍ଚାଳରୁ ଯାତାୟାତ ସୁବିଧା ଅଛି ଓ ନିତିଦିନ ଯାତାୟାତ ଚାଲିଛି । ଏହି ସୁସମ୍ପର୍କର ମମତା ଓ ମାଧୂର୍ଯ୍ୟ ଏହି ଦୁଇ ପ୍ରଦେଶ ମଧ୍ୟରେ ଯାତ୍ରା କରୁଥିବା ସାର୍ବଜନିନ ବସ୍ ଓ ଟ୍ରେନ ରେ ଯାତ୍ରା କଲେ, ତାହାର ଆନନ୍ଦ ଉପଭୋଗ କରିହୁଏ । ଅନ୍ୟ ପକ୍ଷରେ କୋଲାହନ ତମ୍ବା, ଲୁହା ପଥର, ୟୁରାନିୟମ, ଚୁମ୍ବକ ପଥର, ନିକେଲ, ସୁନା, ସିଲଭର, ଟେଲୁରିଅମ୍, ସେଲେନିଅମ୍ ଇତ୍ୟାଦି ଖଣିଜ ପଦାର୍ଥର ଗୃହ କହିଲେ ଅତ୍ୟୁକ୍ତି ହେବ ନାହିଁ । ଟାଟା, ଏସିସି, ରୁଙ୍ଗଟା ଓ ଅନ୍ୟାନ୍ୟ ଶିଳ୍ପପତି ବ୍ରିଟିଶ ଅମଳରୁ ଏଠି ଶିଳ୍ପ ଉଦ୍‌ଯୋଗି । ବିଦେଶୀ କମ୍ପାନୀ ମାନଙ୍କର ବି ଏଠି ନଜର ରହି ଆସିଛି । କୋଇଲା, ଲୁହା ପଥର, ଜଙ୍ଗଲ ଦ୍ରବ୍ୟ ପାଇଁ, ଦୁର୍ଗମ ଗିରି କନ୍ଦରକୁ ମାଲ ବାହି ରେଳ ସାଙ୍ଗକୁ ଯାତ୍ରୀ ବାହି ରେଳ ପଥ ତିଆରି ଯଦିଓ ବହୁଦିନରୁ ହୋଇଛି, ଜନ ସାଧାରଣଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ଓ ଚାଷ ଉତ୍ପାଦନ ଇତ୍ୟାଦି, ଓଡ଼ିଶାର କୌଣସି ଏକ ଜିଲ୍ଲାର ବିକାଶର ସୂଚାଙ୍କ ଠାରୁ ଅଧିକ ନୁହେଁ ତାହା ମନେ ହେଉଛି । ଚାଇବସା, ଚକ୍ରଧରପୁର ଓ ଟାଟା ରେଳ ଷ୍ଟେସନରୁ ସବୁଦିନ ବହୁ ସଂଖ୍ୟାରେ ଦାଦନ ଯାତାୟାତ କରୁଛନ୍ତି । ଦାଦନ ଶୋଷଣ ଓ ମୃତ୍ୟୁ ଖବର, ଏହି ଅଞ୍ଚଳର ଖବର କାଗଜରେ ସାଧାରଣ ଖବର ଅଟେ ।

ବର୍ତ୍ତମାନର ରାଷ୍ଟ୍ରପତି ଶ୍ରୀମତି ଦ୍ରୋପଦି ମୁର୍ମୁ ଯେତେବେଳେ ଝାଡ଼ଖଣ୍ଡ ରାଜ୍ୟର ରାଜ୍ୟପାଳ ଥିଲେ, ସେ ରାଇରଙ୍ଗପୁରରୁ ସୁବିଧାରେ ଯିବା ଆସିବା କରୁଥିଲେ । ଏଠିକାର ଓଡ଼ିଆ ଓ ଅଣ ଓଡ଼ିଆ ଭାଷାବାଦୀ, ଶ୍ରୀମତି ମୁର୍ମୁଙ୍କୁ ନିଜର ଓଡ଼ିଆ ଭାବି, ଅଧିକ ଆପଣାଇ ନେଇଥିଲେ । ଏଠି ଜାଣି ରଖିବା, ଓଡ଼ିଶାରେ ସାନ୍ତାଳୀ ଜନ ଜାତି, ସାନ୍ତାଳୀ ଭାଷା ସହିତ ଓଡ଼ିଆ କହନ୍ତି । ସିଂହଭୁମ୍ ଓ କୁଲହାନ ଅଞ୍ଚଳର ସାନ୍ତାଳୀ ଜନ ଜାତି ମଧ୍ୟ ସାନ୍ତାଳୀ ଭାଷା ସହିତ ଓଡ଼ିଆ କହନ୍ତି । ସେମାନଙ୍କର ରକ୍ତ ସମ୍ପର୍କ ରହିଛି । ୧୯୪୮ ପର୍ଯ୍ୟନ୍ତ, ସଢେଇଖଳା-ଖର୍ଶୁଆଁ ରାଜାଙ୍କ ଅଧୀନରେ ଏହି କୁଲହନ, ସିଂଭୁମ୍, ସଢେଇଖଳା ଓ ଖର୍ଶୁଆଁ ରାଜ୍ୟ ଗୋଟିଏ ରାଜା ଶାସନର ରିୟାସତ୍ ହୋଇ ରହି ଆସିଥିଲା, କିନ୍ତୁ ଜନଜାତିଙ୍କ ଓ ରାଜାଙ୍କର ଇଚ୍ଛା ଅନୁଯାୟୀ ଏହି ଅଞ୍ଚଳ ବିହାର ପ୍ରଦେଶରେ ମିଶିଗଲା । ଡ. ହରିହର ପ୍ରଧାନ କହନ୍ତି, ଯଦିଓ ଓଡ଼ିଆ ଛାତ୍ର, ଛାତ୍ରି, ଶିକ୍ଷକ, ଅଧ୍ୟାପକ ଓ ଜନ ସାଧାରଣ ଓଡ଼ିଶା ଓ ଓଡ଼ିଆ ବାସୀଙ୍କ ସହିତ ସମ୍ପର୍କର ପୁନଃ ସ୍ଥାପନର ପ୍ରଗାଢ ଇଚ୍ଛା ପୋଷଣ କରନ୍ତି, କିନ୍ତୁ ଓଡ଼ିଶା ରାଜ୍ୟ ତରଫରୁ ହାର୍ଦ୍ଦିକତା ଓ ସହଯୋଗ, କଳା ଓ ସାହିତ୍ୟ ସଂରକ୍ଷଣ ଓ ଗବେଷଣା ଇତ୍ୟାଦି ଦିଗରେ ଦେଖିବାକୁ କ୍ୱଚିତ ମିଳେ । କେତେବେଳେ କେମିତି କିଛି କର୍ମସାଳା ବା ସଭା ସମିତି, କାଆଁଭାଁ କରି ଭାବପ୍ରବଣତାରେ ଶେଷ ହୁଏ । କଳା ଓ ସାହିତ୍ୟର ଗବେଷଣା, ସଂରକ୍ଷଣ ଓ ସମ୍ପର୍କ ବୃଦ୍ଧିରେ ଉଭୟ ରାଜ୍ୟର ରାଜ୍ୟ ସ୍ତରୀୟ ଓ ବିଶ୍ୱ ବିଦ୍ୟାଳୟ ସ୍ତରୀୟ ଉଦ୍ୟମ ଲଗାତାର ହୋଇ ପରୁ ନାହିଁ । ବିଶ୍ୱ ବିଦ୍ୟାଳୟ ମାନଙ୍କ ଓଡ଼ିଆ ବିଭାଗ ଗୁଡ଼ିକର ଏକ ସମନ୍ୱୟ କମିଟି ଗଠନ କରି, ଉଭୟ ମୁଖ୍ୟ ମନ୍ତ୍ରୀଙ୍କ ମିଳିତ ତତ୍ତ୍ୱାବଧାନରେ ଅର୍ଥ ଓ କର୍ମ ଚାରି ଯୋଗାଇ, ପ୍ରକଳ୍ପ ଗୁଡ଼ିକ, ସାହିତ୍ୟ, ଭାଷା ଓ ସଂସ୍କୃତିର ଉନ୍ନତି ପାଇଁ ଦିଆଯାଇ ତଦାରଖ କଲେ, ଓଡ଼ିଆ ଭାଷା ଓ ସଂସ୍କୃତିର ସଂରକ୍ଷଣ ଓ ବିକାଶ ଉଭୟ ରାଜ୍ୟରେ, ଓଡ଼ିଆଙ୍କର ଗୌରବ ଓ ଗାରୀମାକୁ ବଢ଼ାଇବାରେ ସହାୟକ ହୁଅନ୍ତା । ଏହି ଅଞ୍ଚଳରେ ଓଡ଼ିଆ ପାନ, ଗୀତ, ପିଠା, ମିଠା ଓ କଥା ସବୁଦିନ ସବୁ ଗାଁ, ବସ୍ତି ଓ ସହରରେ ଦେଖିବାକୁ ମିଳେ । କୁଲହାନ, ସିଂଭୁମ, ସଢେଇଖଳା-ଖର୍ଶୁଆଁ ଜିଲ୍ଲାର ମିଶ୍ରିତ ଭୂଗୋଳ, ପ୍ରାୟ ଅଢେଇଶହ କିଲୋମିଟର ବ୍ୟାସାର୍ଦ୍ଧ ବିସ୍ତୃତ ଅଞ୍ଚଳ । କିନ୍ତୁ ଏହି ଅଞ୍ଚଳର ଓଡ଼ିଆ ନିଜକୁ ମାଁ ହରା ଅନୁଭବ କରନ୍ତି ଆଉ କଥା ବାର୍ତ୍ତା କଲେ ଜଣା ପଡ଼ ?, ସେମାନେ ଏବେବି ମାଁର ପ୍ରେମ, ସ୍ପର୍ଶ ଓ ଆଲିଙ୍ଗନ ଅପେକ୍ଷାରେ ଅଛନ୍ତି । ଓଡ଼ିଶାର ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ, ଏଇଠି ବି ଓଡ଼ିଆ ଲୋକ ଗାଇବାକୁ ଚାହାନ୍ତି । ତାହା ତାଙ୍କ ପାଇଁ କେତେ ପ୍ରଜୁର୍ଯ୍ୟ କହି ହେଉନାହିଁ ।

ରଚନାର ପରିସମାପ୍ତି ପୂର୍ବରୁ ଏହା ଉଲ୍ଲେଖନୀୟ, ଗରିବ ଆଜିବି, ପୃଥିବୀର ଓ ଭାରତର ସବୁ ଜାଗାରେ ଉପେକ୍ଷିତ । ବିଚ୍ଛିନ୍ନ ଅଞ୍ଚଳର ଓଡ଼ିଆ ଗରିବ, ଯିଏ ପାଠ ପଢିନି, ଖଟିଖିଆ, ମଜୁରିଆ, ଅନ୍ୟ ଭାଷା ବାଦି ଘରେ, ଦପ୍ତରରେ, ଦୋକାନରେ କାମ କରେ, ସେ ବି ଉପେକ୍ଷିତ ତାହା ଅନୁମେୟ, କିନ୍ତୁ କିପରି ଭାଷା ପାଇଁ କେମିତି କଥା କଥାରେ, ଟିହା ଟାପରା, ଓଡ଼ିଶା ପ୍ରଦେଶ ଗଠନ ହେଲା ଦିନୁ ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ଅଧିବାସୀ ସହୁଛି, ବିଭିନ୍ନ ପ୍ରକାରେ ଉପେକ୍ଷିତ ହେଉଛି ଯଥା, ମାନସିକ, ଆର୍ଥିକ, ସାମାଜିକ, ଇତ୍ୟାଦି ଭାବରେ, ତାକୁ ଓଡ଼ିଆ ଭାଷା ପ୍ରେମୀ, ଜାତି ପ୍ରେମୀ, କିପରି ହୃଦୟରେ ଚାପି ସୋଇ ପାରିଛନ୍ତି, ଉତ୍ତର ରଖିବା ଆବଶ୍ୟକ । ପ୍ରଶାସନର ଓଡ଼ିଆ ଅଧିକାରୀ, ରାଜ ନୀତିର ନେତୃବୃନ୍ଦ, ଓଡ଼ିଆ ସାହିତ୍ୟର ସାଧକ ଓ ସାମ୍ବାଦିକ, ଏଦିଗରେ ଉତ୍କଳ ଦିବସ ବ୍ୟତୀତ, ଅନ୍ୟ ଦିବସରେ ବି ଚିନ୍ତା ଓ କାର୍ଯ୍ୟ ଜାରିରଖିବା ଆବଶ୍ୟକ ।

*ସମାଜ ସେବୀରେ,*
*ଚାଇବାଶା, ଝାଡ଼ଖଣ୍ଡ*
*ମୋ: ୯୪୩୭୧୦୪୩୦୩*

# ଗରିବଙ୍କ ପାଇଁ ବ୍ୟାଙ୍କ

**ଦେବୀ ପ୍ରସାଦ ମିଶ୍ର (ଆଇ.ଏଫ.ଏସ୍.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଆହ୍ୱାନ ଜଣାଇ କହିଛନ୍ତି ଆଗାମୀ ୨୦ ବର୍ଷ ମଧ୍ୟରେ ଯୋଜନାବଦ୍ଧ ଭାବେ ପ୍ରତ୍ୟେକ ଗରିବଙ୍କ ନିକଟରେ ପହଞ୍ଚିବା ଲାଗି ଆରବିଆଇ ଆର୍ଥିକ ସଂସ୍କାର ନେତୃତ୍ୱ ନେଉ । ମୁମ୍ବଇରେ ଭାରତୀୟ ରିଜର୍ଭ ବ୍ୟାଙ୍କର ପ୍ରତିଷ୍ଠା ଦିବସ ସମାରୋହ ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ବ୍ୟାଙ୍କ ପାଖକୁ ସମସ୍ତଙ୍କୁ ଯିବାକୁ ହୋଇଥାଏ । ଧନୀ ଲୋକଟିଏ ମଧ୍ୟ ବ୍ୟାଙ୍କ ପାଖକୁ ଯାଏ । ମୁଁ ଗରିବ, ପଛୁଆବର୍ଗ ଓ ଆଦିବାସୀଙ୍କ ପ୍ରତିନିଧି ଭାବେ ଏଠାକୁ ଆସିଛି । ମୁଁ ସେମାନଙ୍କ ମଧ୍ୟରୁ ଜଣେ । ସେ କହିଛନ୍ତି ଯେ, ବ୍ୟାଙ୍କଗୁଡ଼ିକ ବଡ଼ ବଡ଼ କର୍ପୋରେଟ ସଂସ୍ଥା ବା ଧନୀ ଲୋକଙ୍କ ପାଇଁ କାର୍ଯ୍ୟ ନକରି ଗରିବଙ୍କ ପାଇଁ ସହାୟତାର ହାତ ବଢ଼ାନ୍ତୁ । ଧନୀମାନେ ବ୍ୟାଙ୍କରୁ ମୋଟା ଅଙ୍କର ଋଣ ନେଇ ସୁଝୁନାହାନ୍ତି । ଋଣ ବ୍ୟାଡ଼ ଲୋନରେ ପରିଣତ ହେଉଛି । ଅଥଚ ଜଣେ ଗରିବ ମାତ୍ର କିଛି ଟଙ୍କାରେ ନିଜ ପରିବାରକୁ ସଳଖିବାରେ ସମର୍ଥ ହୁଏ । ଯଦି ଗୋଟିଏ ଗରିବକୁ ହଜାରେ ଟଙ୍କା ଋଣ ଦିଆଯାଏ ତେବେ ଋଣ କିଭଳି ପରିଶୋଧ କରିବ ସେଥିପାଇଁ ତାକୁ ରାତିରେ ନିଦ ହୁଏ ନାହିଁ । ଅଥଚ ଧନୀଲୋକମାନେ କୋଟି କୋଟି ଟଙ୍କା ଋଣ ନେଇ ଫାଙ୍କି ଦିଅନ୍ତି । ଗରିବଙ୍କୁ ସାମାନ୍ୟ ଆର୍ଥିକ ସହାୟତା ଦିଆଗଲେ ସେମାନେ ନିଜକୁ ସ୍ୱାବଲମ୍ବୀ କରିବା ସହିତ ଦେଶର ଅର୍ଥନୀତିରେ ବଡ଼ ସହଯୋଗ କରିଥାନ୍ତି । ତେଣୁ ଗରିବ, ଛୋଟ ଛୋଟ ବ୍ୟବସାୟୀ ସ୍ୱାବଲମ୍ବୀ ହେବାକୁ ଚେଷ୍ଟା କରୁଥିବା ମହିଳା, ଯୁବକ ଓ କୃଷକମାନଙ୍କୁ ସେମାନଙ୍କ ଦ୍ୱାରା ନିକଟରେ ଆର୍ଥିକ ସେବା ପହଞ୍ଚାଇ ଦେବାକୁ ମୋଦି ଆହ୍ୱାନ ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ, ଦେଶ ସ୍ୱାଧୀନ ହେବାର ୬୮ ବର୍ଷ ପରେ ମଧ୍ୟ ଯଦି ଆମ ଚାଷୀ ଭାଇମାନେ ମହାଜନୀ ସୁଧ ଯୋଗୁଁ ଆତ୍ମହତ୍ୟା କରନ୍ତି ତେବେ ଆମ ବ୍ୟାଙ୍କିଂ ବ୍ୟବସ୍ଥା ପାଇଁ ଏକ ଉପହାସ । ମୋଦି କହିଛନ୍ତି ଆରବିଆଇ ୨୦୩୫ ମସିହା ସୁଦ୍ଧା ପ୍ରତିଟି ଗରିବଙ୍କ ପାଖରେ ବ୍ୟାଙ୍କିଙ୍ଗ ସେବା ପହଞ୍ଚାଇ ସେମାନଙ୍କ ଜୀବନଶୈଳୀକୁ ସୁଧାରିବାରେ ସହାୟ ହେବାକୁ ଚେଷ୍ଟା କରୁ ।

ଆମ ଦେଶର କେବଳ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଶିଳ୍ପରେ ରହିଛି ୭୫୦୦୦ ବ୍ୟାଙ୍କ ଶାଖା । ଏଥିରେ ସାଧାରଣ ଲୋକଙ୍କ କଷ୍ଟାର୍ଜିତ ଜମା ଟଙ୍କାର ପରିମାଣ ୮୦ ଲକ୍ଷ କୋଟି । ଏଥିରୁ ୪୨ ଲକ୍ଷ କୋଟି ଟଙ୍କା ଋଣ ଆକାରରେ ବିନିଯୁକ୍ତ । ୨୦୨୧ – ୨୨ ଆର୍ଥିକ ବର୍ଷରେ ବ୍ୟାଙ୍କ ଶିଳ୍ପର ଲାଭ ୧,୬୮,୦୦୦ କୋଟି ଟଙ୍କା କିନ୍ତୁ ନିଟ୍ ଲାଭ ୩୭୦୦୦ କୋଟି ଟଙ୍କାରେ ସୀମିତ ଥିଲା । କାରଣ ଧନୀ ଓ ଶିଳ୍ପୋଦ୍ୟୋଗୀମାନେ ବ୍ୟାଙ୍କରୁ ଋଣ ନେଇ ପରିଶୋଧର ନାଁ ଧରିନାହାନ୍ତି ସେମାନଙ୍କ ପାଇଁ ଋଣ ମାଫ କରାଯିବାରେ ବ୍ୟାଙ୍କ ଲାଭରୁ ୯୭,୦୦୦ କୋଟି ଟଙ୍କା ବାଦ ଦିଆଯାଉଛି । ଫଳରେ ନିଟ୍ ଲାଭ କମୁଛି । ଭାରତରେ ଥିବା ବିଭିନ୍ନ ବ୍ୟାଙ୍କ ଭିତରୁ ଅନ୍ୟତମ ବୃହତ ରାଷ୍ଟ୍ରୀୟତା ବ୍ୟାଙ୍କ ହେଉଛି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ । ଏହାର ଗୋଟିଏ ଶାଖା ଓଡ଼ିଶାରେ ଅଛି । କିଛି ଅସାଧୁ ଅଫିସରଙ୍କ ପାଇଁ ବ୍ୟାଙ୍କ ବଦନାମ ହୋଇ ଚାଲିଛି । କିଛି ଦିନ ପୂର୍ବରୁ ପ୍ରଧାନ ମନ୍ତ୍ରୀ ଘୋଷଣା କରିଥିଲେ ଯେ କିଛି ବ୍ୟାଙ୍କ କିଛି ବ୍ୟାଙ୍କ ସହ ମିଶିବା ପାଇଁ । କିଛି ବ୍ୟାଙ୍କ ଦେବାଳିଆ ଅବସ୍ଥାରେ ଥିଲା ତା ମଧ୍ୟରୁ ଓ.ବି.ସି ବା ୟୁନାଇଟେଡ ବ୍ୟାଙ୍କ ଅଫ ଇଣ୍ଡିଆର ଅବସ୍ଥା ଏହିପରି ଥିଲା । ଏହି ଦୁଇ ବ୍ୟାଙ୍କକୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଟେକଓଭୋର କଲା । କିନ୍ତୁ ଦୁଃଖର ବିଷୟ ଏହି କି ଯେ ସେ ଯେଉଁ ଅଫିସର ଏହି ଦୁଇ ବ୍ୟାଙ୍କକୁ ବୁଡ଼ାଇକି ଆସିଥିଲେ ଏମାନେ ଶପଥ ନେଇଛନ୍ତି କି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କକୁ ମଧ୍ୟ ବୁଡାଇବେ । ଉଦାହରଣ ସ୍ୱରୂପ ଓଡ଼ିଶା ରାଜ୍ୟରେ ଏକ ମୁଖ୍ୟ କାର୍ଯ୍ୟାଳୟ ଜାଗମରାରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ରେଜିଓନାଲ ଅଫିସ ଅବସ୍ଥିତ । ତା ଭିତରେ ସର୍କଲ ଶାସ୍ତ୍ର ଡିଭିଜନର ଜଣେ ବହୁ ନାମିଦାମୀ ସୁନାମଧନ୍ୟ ଅଫିସର ପ୍ରଶାନ୍ତ କୁମାର ଶ୍ରୀଚନ୍ଦନ । ସେ ଶପଥ ନେଇଛନ୍ତି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କକୁ ବୁଡାଇବା ପାଇଁ । ଏହି ଅଫିସରଙ୍କ ନାମରେ ଚୌଦ୍ୱାର ଥାନାରେ ଠକାମି ମାମଲା ରହିଛି । ଚାରିଶହ କୋଡିଏ କେଶ ମନୋରଞ୍ଜନ ସିଂ ନାମକ ଏକ ବ୍ୟକ୍ତି କରିଥିଲେ । ମିଶ୍ରବାବୁ ଏବଂ ଶ୍ରୀଚନ୍ଦନ ବାବୁ ତାଙ୍କୁ ବହୁତ ଭଲ ଭଲ କଥା କହି ଠକି ଦେଇଥିଲେ । ଶ୍ରୀଚନ୍ଦନ ବାବୁ ଭୁବନେଶ୍ୱରରେ ମରିଯାଇଥିବା ଜଣେ ବ୍ୟକ୍ତି ପ୍ରେମାନନ୍ଦ ମହାନ୍ତି ବଞ୍ଚିଥିବା ଅବସ୍ଥାରେ କୋର୍ଟ ତାଙ୍କୁ ଅର୍ଡ଼ର ଦେଇଥିଲେ ତାଙ୍କର ନିଲାମ ଟଙ୍କା ଡିପୋଜିଟ କରିବା ପାଇଁ ଏବଂ ସେ କୋର୍ଟ ଅର୍ଡ଼ରକୁ ମାନି ଟଙ୍କା ଡିପୋଜିଟ କରିଥିଲେ । ପ୍ରେମାନନ୍ଦ ମହାନ୍ତି ଟଙ୍କା ଡିପୋଜିଟ କରିଥିଲେ ମଧ୍ୟ ଶ୍ରୀଚନ୍ଦନ ବାବୁ ଏବଂ ମିଶ୍ରବାବୁ ଏ ଅର୍ଡ଼ର ନ ମାନି ତାଙ୍କ ଜମିକୁ ବାରମ୍ବାର ନିଲାମ କରି ଚାଲିଥିଲେ । ଶ୍ରୀଚନ୍ଦନ ବାବୁ ଏବଂ ମିଶ୍ରବାବୁଙ୍କର ଦାଦାଗିରି ଏତେ ମଜଭୁତ ଯେ ସବୁବେଳେ କୁହନ୍ତି ଆମ ଓ.ବି.ସି. ବ୍ୟାଙ୍କର ଲୋକ ଯିଏକି ବର୍ତ୍ତମାନ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଚେୟାରମ୍ୟାନ ଏବଂ ସେ ମୋର ବହୁତ ନିକଟତର ଲୋକ । ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ହେଡ ଅଫିସରେ ବର୍ମା ବାବୁ ମୋର ଖାସ ଲୋକ ବୋଲି ଶ୍ରୀଚନ୍ଦନ ବାବୁ କହନ୍ତି ।

ଏହି ପ୍ରସଙ୍ଗରେ ସାଧାରଣରେ ପ୍ରଶ୍ନ ଉଠିବ ଯେ କର୍ତ୍ତୃପକ୍ଷଙ୍କ ପାଖରେ ନିଶ୍ଚୟ ଉଚ୍ଚ ପଦାଧିକାରୀ ଥିବେ ଯିଏ କି ଗ୍ରାହକ ଓ ବ୍ୟାଙ୍କର କୌଣସି ଦୁର୍ଦ୍ଦଶାକୁ ସାମ୍ନା କରୁଥିବା ବ୍ୟକ୍ତିଙ୍କ ଠାରୁ ଅଭିଯୋଗ ଗ୍ରହଣ କରି ସହାୟତା କରିବେ । ଏହା ସମ୍ପୂର୍ଣ୍ଣ ଠିକ କଥା, ଆସନ୍ତୁ ଭଲ ଭାବେ ଜାଣିବା ବାସ୍ତବରେ ଏହାର ଅନ୍ୟତମ ମୁଖ୍ୟ ବ୍ୟବସ୍ଥାପକଙ୍କ ଲୋକମାନଙ୍କ ପ୍ରତି ଆଚାର ବ୍ୟବହାର । ଓଡ଼ିଶାର ଯିଏ ଜୋନାଲ ଜେନେରାଲ ମ୍ୟାନେଜର ଅଛନ୍ତି ଯାହାକୁ ସମସ୍ତେ ଉଦୟ ଭାସ୍କର ରେଡ୍ଡୀ ଅଲତୁର ବୋଲି ଜାଣନ୍ତି । ସେ ମୋର ଡାହାଣ ହାତର ଲୋକ । ମୁଁ ତାଙ୍କ ପାଇଁ ସବୁ ପ୍ରକାର ସୁବିଧା ଏବଂ ଅସୁବିଧା ବୁଝେ । ସେଥିପାଇଁ ମୁଁ ତାଙ୍କର ଗେହ୍ଲାପୁଅ ପରି । ଆଜି ପର୍ଯ୍ୟନ୍ତ ଆମେ ଦୁଇ ଅଫିସର ନଅ ବର୍ଷ ହେଲାଣି ଏହି ରିକଭରି ଡିପାର୍ଟମେଣ୍ଟରେ ରହିଛୁ । ନା କେହି ଚାହିଁଲେ ଆମକୁ କିଏ ଟ୍ରାନ୍ସଫର କରିପାରୁଛି ଆଉ ନା ଆମ ଚାକିରି ଉପରେ କିଛି ଆଞ୍ଚ ଆସିବା ପାଇଁ ଦେଉଛୁ । ଶ୍ରୀଚନ୍ଦନ ବାବୁ କୁହନ୍ତି ଆପଣ ଭୁଲି ଯାଉଛନ୍ତି କି ଆପଣମାନେ ଯେତେବେଳେ ଲୋନ ନେବାକୁ ଆସନ୍ତି ବ୍ୟାଙ୍କ ମ୍ୟାନେଜର ମାନଙ୍କୁ ପକେଟ ଖର୍ଚ୍ଚ ଦେବାକୁ ପଡ଼େ । ସେହିପରି ଯେତେବେଳେ ଓ.ଟି.ଏସ୍ ହୁଏ ଆପଣମାନଙ୍କୁ ଆମକୁ ଖର୍ଚ୍ଚ ଦେବାକୁ ପଡ଼ିବ । ସେହି ଖର୍ଚ୍ଚଟି ଆମ୍ଭେମାନେ ତଳୁ ଉପର ଅଫିସର ପର୍ଯ୍ୟନ୍ତ ବାଣ୍ଟି କରି ନେଉ । ଦିଲ୍ଲୀରେ ବସିଥିବା ବର୍ମାଜୀଙ୍କୁ ଆଉ ଅନ୍ୟ ଅଫିସରକୁ ମଧ୍ୟ ଆମେ ଖୁସି କରାଉ । ଏହିପରି ଭାବରେ ରିକୋଭରି ନାମରେ ଗୁଣ୍ଡାରାଜ ଚଳାଉଛନ୍ତି । ଯେଉଁ ଦଲାଲମାନେ ଆପଣଙ୍କ ସମ୍ପତ୍ତିକୁ କମ ଦାମରେ କିଣି ଅନ୍ୟ ଲୋକଙ୍କୁ ଚଢ଼ା ଦାମରେ ବିକ୍ରି କରିଦେଉଛନ୍ତି । ଶ୍ରୀଚନ୍ଦନ ବାବୁ ଏହିପରି ବିଭିନ୍ନ ପ୍ରକାର କମ୍ପାନୀ ସହ ଜଡ଼ିତ ହୋଇ ଅଛନ୍ତି । ଯଥା ପ୍ରମାଣସ୍ୱରୂପ ରାୟପୁରର ଶ୍ରୀରାମ ଏଣ୍ଟରପ୍ରାଇଜେସର ମାଲିକ ନାମ ରାଲ୍ଲଆନି ବାବୁ ଓ ଶ୍ରୀଚନ୍ଦନ ବାବୁ ମିଶିକରି ବିହାରରେ ଥିବାଏକ ମଦ କମ୍ପାନୀର ଏଗାର କୋଟି ଟଙ୍କାକୁ ଦଶ ଲକ୍ଷ ଟଙ୍କା ଟଙ୍କାରେ ବିକ୍ରି କରିଦେଇଛନ୍ତି । ଏମିତି ବହୁତ ଗ୍ରାହକ ଅଛନ୍ତି ଯାହାଙ୍କ ସହିତ ଶ୍ରୀଚନ୍ଦନ ବାବୁ ଏହିପରି ଠକାମି କାମ ସବୁ କରିଛନ୍ତି । ସମସ୍ତେ ସବୁ ଜାଣିଲା ପରେ ମଧ୍ୟ କେହି ମୁହଁ ଖୋଲି ପାରୁନାହାଁନ୍ତି । କାରଣ ସେ ତାଙ୍କ ଅଫିସରେ ଏକ ନୂଆ କୋଠାଘରକୁ ଡାକି ଧମକ ଦିଅନ୍ତି ଓ କୁହନ୍ତି ଦେଖୁଛନ୍ତି ଆମର ଏ କୋଠାଘରେ କାମ କରୁଥିବା କେତେ କର୍ମଚାରୀ ସବୁ ଅଛନ୍ତି । ଆମ୍ଭେମାନେ ସମସ୍ତେ ମିଶିକରି ତୁମ ନାମରେ ମିଥ୍ୟା ଅଭିଯୋଗ କହିବୁ । ଆଉ ଏକ କଥା ମଧ୍ୟ ରହିଛି ଯାଜପୁର ରୋଡ଼ର ଲକ୍ଷ୍ମୀ ଏଣ୍ଟରପ୍ରାଇଜେସ କମ୍ପାନୀର ମାଲିକଙ୍କୁ ଡାକି କି ତାଙ୍କ ଅଫିସରେ ପନ୍ଦର ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ । ଏବଂ ଧମକ ମଧ୍ୟ ଦେଇଥିଲେ ଯେ ତମେ ଯଦି ଆମକୁ ଲାଞ୍ଚ ନ ଦେବ ତାହାହେଲେ ମୁଁ ପଟ୍ଟନାୟକ ଏବଂ ସାଲୁଜାକୁ କହିକି ବାଲେଶ୍ୱର ଥାନାରେ ତମ ନାମରେ ଏଫଆଇଆର ରଦ୍ଦ କରିବି ଏବଂ ତମ ସମ୍ପତ୍ତିକୁ ଓ.ଟି.ଏସ ନକରି କମ ଦାମରେ ବିକ୍ରି କରିଦେବି । ଯେତେବେଳେ କମ୍ପାନୀର ମାଲିକ ଏହି ଲାଞ୍ଚ ନଦେବା ପାଇଁ ବିରୋଧ କଲା ଶ୍ରୀଚନ୍ଦନ ବାବୁ ଓ ବାଲେଶ୍ୱର ଷ୍ଟାଫ ମିଶି ସେହି ସମ୍ପତ୍ତିକୁ ପଞ୍ଚାନବେ ଲକ୍ଷରେ ବିକ୍ରି କରିଦେଲେ । କମ୍ପାନୀ ମାଲିକ ଏକ କୋଟି ଚାରି ଲକ୍ଷ ଓ.ଟି.ଏସ ଅଫର ଦେଇଥିବା ଅବସ୍ଥାରେ ଏହି ବ୍ୟାଙ୍କ ଅଫିସରମାନେ ନିଜେ ଗୋଟେ ପାର୍ଟି ଠିକ କରି ସେହି ପାର୍ଟି ଠାରୁ ଲକ୍ଷାଧିକ ଟଙ୍କା କମିଶନ ନେଇ ତାକୁ ବିକ୍ରି କରିଦେଲେ । ସେହିପରି ଭୁବନେଶ୍ୱର ସର୍କଲ ଅଫିସରେ ଗ୍ରାହକମାନେ ଗଲାବେଳକୁ ଓ.ଟି.ଏସ୍. ପାଇଁ ସେତେବେଳେ ବ୍ୟାଙ୍କ କହୁଛି ଯେ ତୁମ କବଲା ପୋଡି ଯାଇଛି, ହଜିଯାଇଛି, ଏଭଳି ବିଭିନ୍ନ ପ୍ରକାର ବାହାନା କରୁଛନ୍ତି । ଏମିତି କହି ବ୍ୟାଙ୍କ ଗ୍ରାହକ ମାନଙ୍କୁ ଧମକାଉଛନ୍ତି ଓ ଏପରି କରି ଫେରାଇ ଦେଉଛନ୍ତି ।

ବ୍ୟାଙ୍କରେ ଚାଲିଥିବା ଅନିୟମିତତା, ଦୁର୍ନୀତି, ଋଣଦାନ ନେଇ ନୀତି ଓ ଅନାଦାୟ ଋଣର ବୃଦ୍ଧି ନେଇ ବ୍ୟାଙ୍କ ଗୁଡ଼ିକ ଚିନ୍ତିତ ହେଲେ ମଧ୍ୟ ପୁଞ୍ଜିପତି ଓ ଶିଳ୍ପପତିଙ୍କ ପ୍ରତି ସେମାନଙ୍କ ଦରଦ ବନ୍ଦ ହେଉନାହିଁ । ହେଲେ ସେପଟେ ଟଙ୍କା କେଇଟା ପାଇଁ ଆମ ଚାଷୀ ଓ ଗରିବ ଲୋକଙ୍କ ମଧ୍ୟରେ ନିରାଶୀ ଖେଳିଯାଉଛି । ସେମାନେ ଉଧେଇ ପାରୁନାହାନ୍ତି । ତେଣୁ ବ୍ୟାଙ୍କ ଗୁଡ଼ିକ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟରୁ ସ୍ପଷ୍ଟ ସଂକେତ ନେଇ ଗରିବଙ୍କ ପାଇଁ କାମ କଲେ ଦେଶର ଅର୍ଥନୀତି ସୁଧୁରିବା ସହ ବ୍ୟାଙ୍କିଂ ବ୍ୟବସ୍ଥାର ପ୍ରକୃତ ଲକ୍ଷ୍ୟପୂରଣ ହୋଇପାରିବ ।

*ପୂର୍ବତନ ଅର୍ଥନୈତିକ ପରାମର୍ଶଦାତା,*
*ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ,*
*୪ ଫରେଷ୍ଟ ପାର୍କ, ଭୁବନେଶ୍ୱର*

# ମୋ ଓଡ଼ିଶା

## ଆଦ୍ୟ ସାମ୍ବାଦିକ ଦେବର୍ଷି ନାରଦ



ସମ୍ବାଦ କୌଣସି ଘଟଣା, ଅଘଟଣ, ବିବରଣୀ । ସିଏ ଜୀବନକୁ, ଜଗତକୁ, ଅର୍ଥାତ ମୋହାସକ୍ତ ହୁଏ ନାହିଁ । ସାମ୍ବାଦିକତାର ଚାବୁକରେ ଆଘାତ ସେମାନଙ୍କ ଛଦ୍ମମୁଖାକୁ ଖୋଲିଦିଏ । ଯାହାର ଲକ୍ଷ୍ୟ ହୁଏ ସମାଜ ଓ ରାଷ୍ଟ୍ରର ସାମ୍ବାଦିକ, ତାହାଙ୍କର ସମ୍ବାଦ ଜନଗଣଙ୍କର ପ୍ରେରଣାର ମାଧ୍ୟମ । ବ୍ୟକ୍ତିବିଶେଷଙ୍କର ମହତ୍‌ଗୁଣର ଅନ୍ୟ କୌଣସି ସମାଜବିରୋଧୀ ମାନବ ଉପଲବ୍ଧ କରନ୍ତି । ସବୁ ଯୁଗରେ ସମ୍ବାଦ କେତେବେଳେ ଲିଖିତ । ପ୍ରାଚୀନ ସୁଯୋଗ, ଦୁର୍ଯୋଗର ଏକ ସତ୍ୟନିଷ୍ଠ ମଣିଷକୁ, ସମାଜକୁ ରାଷ୍ଟ୍ରକୁ ଭଲପାଏ ସମାଜର ବା ରାଷ୍ଟ୍ର ଦୁଷ୍ଟବ୍ରଣମାନଙ୍କୁ ଦେଇ ପଦାରେ ପକାଇ ଦିଏ । ଅସୂୟାପ୍ରଣୋଦିତ ହୁଏ ନାହିଁ । କଲ୍ୟାଣ, ସେହି ହିଁ ହୁଏ ଯଥାର୍ଥ ପରିବେଷଣ ହୁଏ ଅଗଣିତ ଏପରି ସମ୍ବାଦରୁ ଜନଗଣ କୌଣସି ଯେପରି ପରିଚୟ ପାଆନ୍ତି ସେପରି ବିଦ୍ୱେଷୀ ବ୍ୟକ୍ତିଙ୍କର ସ୍ୱରୂପକୁ ଅଛି -କେତେବେଳେ ମୌଖିକ, ଯୁଗରେ ସମ୍ବାଦ ଏକ ବୃତି ନଥିଲା, ନଥିଲା ମଧ୍ୟ ଏକ ଜୀବିକା । ବର୍ତମାନ ସମୟରେ ସମ୍ବାଦ ସାମ୍ବାଦିକତା ଏକ ବୃତି,ଏକ ଜୀବିକା । ସମ୍ବାଦପତ୍ର ଏହାର ଆଧାର । ସାମ୍ବାଦିକର ଧର୍ମ ସୁସ୍ଥ ସାମାଜିକ ବାତାବରଣ ପ୍ରତିଷ୍ଠା, ନୈତିକ ମୂଲ୍ୟବୋଧର ଜାଗରଣ । ତେଣୁ ସେ ବିବେକବାନ । ସତ୍ୟର ଉପାସ୍ୟ । ମିଥ୍ୟାକୁ ପ୍ରଶ୍ରୟ ଦିଏ ନାହିଁ । ଅଧର୍ମକୁ ବରଦାସ୍ତ କରେ ନାହିଁ । ନୈତିକ ମୂଲ୍ୟବୋଧ ଜାଗରଣର ଅଗ୍ରଦୂତ ସାମ୍ବାଦିକ । ନାରଦ ଏହିପରି ଜଣେ ସାମ୍ବାଦିକ । ନାରାୟଣ ନାରାୟଣ... ଉଦ୍‌ଘୋଷ କରି ଯିଏ ତିନିଲୋକ ଭ୍ରମଣ କରନ୍ତି ସେହି ନାରଦ ଏକ ବ୍ୟକ୍ତି ନୁହଁନ୍ତି,ଏକ ଅନୁଷ୍ଠାନ । ବିଶ୍ୱରେ ସମ୍ବାଦ ତାଙ୍କର କାର୍ଯ୍ୟ । ଲୋକକଲ୍ୟାଣ ତାଙ୍କର ଲକ୍ଷ୍ୟ । ଈଶ୍ୱରଭକ୍ତି ତାଙ୍କର ମାର୍ଗ । ଏଥିପାଇଁ ନାରଦଙ୍କୁ ଯେଉଁଠି ଯେଉଁ ସମୟରେ ଖୋଜିବ ସେଇଠି ମିଳିବେ । ସ୍ୱର୍ଗ, ମର୍ତ୍ୟ, ଆକାଶ ପାତାଳ ସବୁଠି ତାଙ୍କର ଅଗାଧ ପ୍ରବେଶ । ନାରଦଙ୍କ ପାଇଁ କୌଣସି ସ୍ଥାନ ଦୁର୍ଗମ ନୁହେଁ କି ଅଗମ୍ୟ ନୁହେଁ । ସେ ଦେବତାଙ୍କ ନିକଟକୁ ଆସନ୍ତି ଦାନବଙ୍କ ନିକଟକୁ ମଧ୍ୟ ଯାଆନ୍ତି । ସମସ୍ତଙ୍କ ଦ୍ୱାର ତାଙ୍କ ପାଇଁ ଉନ୍ମୁକ୍ତ । ସମସ୍ତେ ତାଙ୍କୁ ସ୍ୱାଗତ କରନ୍ତି । ସମସ୍ତେ ତାଙ୍କୁ ପୂଜା କରନ୍ତି । ପରୋପକାର ନାରଦଙ୍କର ବୃତି । ଏହା ତାଙ୍କର ଜୀବନ ଧ୍ୟେୟ ଅଟେ । ବାସ୍ତବରେ ନାରଦ ଆଦର୍ଶ ସମ୍ବାଦର ସୂତ୍ରଧର ଅଟନ୍ତି । ତେଣୁ ତାଙ୍କୁ ଆଦ୍ୟ ସାମ୍ବାଦିକ କହନ୍ତି। ଶାସ୍ତ୍ର ଅନୁସାରେ ଯେତେବେଳେ ଭଗବାନ ଯୋଗନିଦ୍ରାରୁ ଜାଗ୍ରତ ହେଲେ ତାଙ୍କର ନିଃଶ୍ୱାସରୁ ମରୀଚ ଆଦି ଋଷିମାନଙ୍କ ସହିତ ନାରଦ ମଧ୍ୟ ପ୍ରକଟ ହୋଇଥିଲେ । ତାଙ୍କୁ ଦଶକନ୍ୟା ଏବଂ ରାଜା ପରେମେଷ୍ଟିଙ୍କ ପୁତ୍ର କୁହଁନ୍ତି । କେତେକ ପୁରାଣରେ ତାଙ୍କୁ ବ୍ରହ୍ମାଙ୍କର ମାନସପୁତ୍ର ରୂପରେ ବର୍ଣ୍ଣନା କରାଯାଇଛି । ନାରଦଙ୍କ ଜନ୍ମ ବିଷୟରେ ଅନେକ ଲୋକକଥା ପ୍ରଚଳିତ ଅଛି । ସେ ଅଳ୍ପ ସମୟ ମଧ୍ୟରେ ସବୁ ଶାସ୍ତ୍ରର ଅଧ୍ୟୟନ କରିଥିଲେ । ସେ ବୃହସ୍ପତିଙ୍କ ନିକଟରୁ ବେଦ ବେଦାନ୍ତ ଶିକ୍ଷା କରିଥିଲେ । ସନତକୁମାର ତାଙ୍କୁ ବ୍ରହ୍ମ ଜ୍ଞାନ ଶିକ୍ଷାଦେଇଥିଲେ । ବ୍ରହ୍ମଦେବଙ୍କଠାରୁ ବିଷ୍ଣୁ ମନ୍ତ୍ର ଏବଂ ଗନ୍ଧର୍ବଙ୍କ ନିକଟରୁ ସଂଗୀତ ବିଦ୍ୟା ଶିକ୍ଷା କରିଥିଲେ । ସେ ଥିଲେ ସୂଚନା ବିଦ୍ୟାର ଅଧିକାରୀ । ନାରଦଙ୍କର ସରସ୍ୱତୀ ତଟରେ ଏକ ଆଶ୍ରମ ଥିଲା । ସେ ଆଶ୍ରମରେ କମ୍ ରହୁଥିଲେ ବେଶୀ ଭ୍ରମଣ କରୁଥିଲେ । ସେ ନାରଦ ଭକ୍ତିସୂତ୍ର, ନାରଦ ସ୍ମୃତି, ନାରଦ ପଂଚରାତ୍ର, ନାରଦୋପନିଷଦ, ସଙ୍ଗୀତ ମକରନ୍ଦ, ରାଗ ନିରୁପଣ, ପଂଚମ ସାର ସଂହିତା, ଦତନାରଦ ସମ୍ବାଦ ଆଦି ଗ୍ରନ୍ଥ ରଚନା କରିଛନ୍ତି । ଭକ୍ତିରସ ବିଷୟ ଉପରେ ତାଙ୍କର ବହୁତ ଦଖଲ ଥିଲା । ସ୍ୱୟଂ ମହାନ ଭକ୍ତ ଥିଲେ । ଆଜନ୍ମ ଭକ୍ତିରସର ପ୍ରଚାର ପ୍ରସାର କରିଥିଲେ । ତେଣୁକରି ତାଙ୍କର ଭକ୍ତିସୂତ୍ର ଆତ୍ମାନୁଭୂତିରୂପ ଅମୃତ ଅଟେ । ନାରଦ ଭକ୍ତିସୂତ୍ର ଏକ ଅଲୌକିକ ଗ୍ରନ୍ଥ ଅଟେ । ତାଙ୍କର ଭକ୍ତି ବିଷୟ ସର୍ବଶ୍ରେଷ୍ଠ ଗ୍ରନ୍ଥ । ସେଥିରେ ନବଜୀବନ ଦେବାର ସାମର୍ଥ୍ୟ ରହିଛି । ଏଥିରେ ଭକ୍ତଙ୍କର ଲକ୍ଷଣ ଓ ପ୍ରକାରଭେଦ ସମ୍ପର୍କରେ ମଧ୍ୟ ଉଲ୍ଲେଖ ଅଛି । ଏହି କଳ୍ପନା ମଧ୍ୟରେ ନାରଦ ଅଜର ଓ ଅମର । ସେ ସବୁଆଡେ ଭ୍ରମଣକରି ଭକ୍ତିମାର୍ଗର ପ୍ରଚାର ପ୍ରସାର କରିଥିଲେ । ତାଙ୍କ ବୀଣାର ଝଙ୍କାର ତଥା ନାରାୟଣ ନାରାୟଣର ଉଦ୍‌ଘୋଷ ଆଜି ବିଶ୍ୱ ବ୍ରହ୍ମାଣ୍ଡର ଚାରିଆଡେ ଶୁଣିବାକୁ ମିଳୁଛି । ନାରଦ ହେଉଛନ୍ତି ବିଶ୍ୱ ସାମ୍ବାଦିକତା ବା ୟୁନିଭର୍ସାଲ ଜର୍ଣ୍ଣାଲିଜିମ୍‌ର ପୃଷ୍ଠପୋଷକ । ସେ ଥିଲେ ସତ୍ୟନିଷ୍ଠ ଓ ସାରା ବିଶ୍ୱକୁ ସମ୍ଭାଳି ରଖିବାର ଧର୍ମ ଆଧାରିତ ସାମ୍ବାଦିକତାର ପରିଚୟ । ସତ୍ୟର ଭିତିଭୂମି ଉପରେ କୁସଂସ୍କାରକୁ ଦୂର କରି ସମାଜକୁ ସୁପୃଷ୍ଟ କରିବା ପାଇଁ ଏକନିଷ୍ଠ ଉଦ୍ୟମ ସାମ୍ବାଦିକତାର ଧର୍ମ ହେବା ଉଚିତ୍ । ପୂର୍ବକାଳରେ ମହାନ ବ୍ୟକ୍ତିମାନେ ସାମ୍ବାଦିକତା ଜରିଆରେ ସମାଜ ଓ ଜନଗଣରେ ସଚେତନତା ସୃଷ୍ଟିପାଇଁ ଉଦ୍ୟମ କରୁଥିଲେ । ମାତ୍ର ବର୍ତମାନ ସାମ୍ବାଦିକତା ଏକ ବୃତି ପାଲଟି ଯାଇଛି । ତେବେ ଏହା ଏଭଳି ବୃତି ହେବା ଦରକାର ଯାଦ୍ୱାରା ସମ୍ବାଦପତ୍ର ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଭଳି କାମ କରିପାରିବ । ଜନଗଣର ସ୍ୱର ଏଥିରେ ପ୍ରତିଫଳିତ ହେବାର ଆବଶ୍ୟକତା ରହିଛି । ସତ୍ୟ କହିବାର ଶକ୍ତି ହରାଇ ବସିଲେ ସାମ୍ବାଦିକଙ୍କୁ କେହି ନାରଦଙ୍କ ପରବର୍ତୀ ପୀଢି ବୋଲି କହିପାରିବେ ନାହିଁ । ଆଜିର ସାମ୍ବାଦିକମାନେ କ'ଣ ନାରଦଙ୍କ ସାମ୍ବାଦିକ ଗୁଣକୁ ଉପଲବ୍ଧି କରିପାରିବେ ନାହିଁ ।

**ଗୋଲଖ ଚନ୍ଦ୍ର ଦାସ, ଘିଗିଡିଆ, ବାରୁଅ, କେନ୍ଦ୍ରାପଡା, ମୋ-୯୮୬୧୦୨୮୫୫୩**

## 'କୋଣାର୍କ ପରିବାର' ପକ୍ଷରୁ ଅଭିନବ ପ୍ରୟାସ



କୋଣାର୍କ (ପିଏନ୍): ବିଶ୍ୱ ଐତିହ୍ୟ କୋଣାର୍କକୁ ସଂଯୋଗ କରୁଥିବା କୋଣାର୍କ-ପିପିଲି ମୁଖ୍ୟ ରାସ୍ତାଢ଼ର ଦୁର୍ଘଟଣା ରୋକିବା ପାଇଁ ମାଧିପୁର ଛକ ଓ କଲେଜ ଛକରେ ୪ଟି ବଡ ବଡ ହମ୍ପସ ରାଜପଥ ବିଭାଗ ପକ୍ଷରୁ କରାଯାଇଛି । ଏହି ଜାତୀୟ ରାଜପଥରେ ହମ୍ପସ ଅଛି ବୋଲି କୌଣସି ସୂଚନା ନଥିବାରୁ ପ୍ରତେକ ଦିନ ଦୁର୍ଘଟଣାମାନ ଘଟି ଧନ ଜୀବନ ମଧ୍ୟ ଗଲାଣି । ଏହି ହମ୍ପସ ଦୁର୍ଘଟଣା ରୋକିବା ପରିବର୍ତେ ହମ୍ପସ ପାଇଁ ପ୍ରତ୍ୟେକ ଦିନ ଦୁର୍ଘଟଣା ବଢିଚାଲୁଛି । ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏହି ସମସ୍ୟା ଦୂର କରିବା ପାଇଁ କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'କୋଣାର୍କ ପରିବାର' ପକ୍ଷରୁ ଅଭିନବ ପ୍ରୟାସ କରାଯାଇଛି । ମାଧିପୁର ଛକ ଓ କଲେଜ ଛକରେ ଥିବା ୪ଟି ହମ୍ପସରେ ୨୦ଟି ରେଡିୟମ ଲଗାଇଛନ୍ତି 'କୋଣାର୍କ ପରିବାର'ର ସଦସ୍ୟମାନେ । ଫଳରେ ରାତ୍ର ସମୟରେ ଅନେକାଂଶରେ ଦୁର୍ଘଟଣାକୁ ରୋକାଯାଇ ପାରିଛି । ଏହି ମହନୀୟ କାର୍ଯ୍ୟରେ କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ, ୩ନମ୍ବର ୱାର୍ଡର କାଉନସିଲର ସମୟରଞ୍ଜନ ସାହୁ, ସାମ୍ବାଦିକ ଅବନୀଭୂଷଣ ବାରିକ, ସାମ୍ବାଦିକ ଦୁର୍ଗାପ୍ରସାଦ ମହାପାତ୍ରଙ୍କ ସମେତ 'କୋଣାର୍କ ପରିବାର'ର ସଭାପତି କାହ୍ନୁଚରଣ ପାତ୍ର, ଉପସଭାପତି ସୁଭାଶିଷ ଦାଶ, ସମ୍ପାଦକ ଅନିଲ ସ୍ୱାଇଁ, କୋଷାଧ୍ୟକ୍ଷ ସତ୍ୟଜିତ ସାହୁ, ପ୍ରତାପ ଜେନା, ବଳରାମ ପାତ୍ର, ସତ୍ୟବ୍ରତ ନାୟକ, ଅଭିଜିତ ଦାସ ସୁଶ୍ରୀ ସମ୍ଭାବନା ପଣ୍ଡା, ଦେବଶକ୍ତି ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରତ୍ୟେକ ହମ୍ପସରେ ରେଡିଏମ ଲଗାଇଥିଲେ । 'କୋଣାର୍କ ପରିବାର'ର ସ୍ୱେଚ୍ଛାସେବୀ ସଦସ୍ୟମାନେ ନିଜ ପକେଟ ଖର୍ଚ୍ଚରୁ ସ ିତ ଅର୍ଥରେ ଏହି କାର୍ଯ୍ୟ କରିଛନ୍ତି । ସ୍ୱେଚ୍ଛାସେବୀମାନଙ୍କର ଏଭଳି ସେବା ମନୋବୃତିକୁ ଦେଖି ଲୋକେ ଭୂରୀୟସୀ ପ୍ରଶଂସା କରୁଛନ୍ତି ।

## ଜଗଦ୍‌ଗୁରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ ସମାରୋହ



କୋଣାର୍କ (ପିଏନ୍): ଗତ ରବିବାର ସନ୍ଧ୍ୟାରେ କୋଣାର୍କ ନିକଟସ୍ଥ କିଙ୍ଗସ କୋକୋ ଇକୋ ରିସୋଟ ପରିସରରେ କୋଣାର୍କ ଜ୍ଞାନ ମଂଚ ପକ୍ଷରୁ ଜଗଦ୍‌ଗୁରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଜଗଦ୍‌ଗୁରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଆରମ୍ଭ ହୋଇଥିଲା ସଭା କାର୍ଯ୍ୟ । ଶୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ପ୍ରଭାତରଞ୍ଜନ ମହାପାତ୍ର, ଅବସରପ୍ରାପ୍ତ ପ୍ରଫେସର ଡ. ହରମୋହନ ମିଶ୍ର, ଶ୍ରୀ ଜଗନ୍ନାଥ ବେଦକର୍ମକାଣ୍ଡ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ର ଓ ଗୋପ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରକାଶଚନ୍ଦ୍ର ଖଟୋଇ ପ୍ରମୁଖ ମ ାସିନ ହୋଇ ଅଦ୍ୱିତ ବେଦାନ୍ତ, ବ୍ରହ୍ମସୁତ୍ର ଓ ଜଗଦ୍‌ଗୁରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଫେସର ଡ. ମିନତୀ ମିଶ୍ର ଭଜଗୋବିନ୍ଦମ୍ ଗାନ କରିଥିବା ବେଳେ ଐତିହାସିକ ଗବେଷକ ସଞ୍ଜୟ ବରାଳ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜନୈତିକ ପଶାପାଲିରେ ଲିଙ୍ଗିପୁର ଗ୍ରାମପଂଚାୟତ

ଭୁବନେଶ୍ୱର (ପିଏନ୍): ରାଜଧାନୀ ଉପକଣ୍ଠ ଧଉଳି ଥାନା ଅଧିନସ୍ଥ ଲିଙ୍ଗିପୁର ଗ୍ରାମପଂଚାୟତକୁ ଉନ୍ନତ କରିବା ବଦଳରେ ବିଡିଓ ମହାଶୟ କିପରି ଭାବେ ୨୬ଟି ୱାର୍ଡକୁ ଗୋଟିଏ ପିଇଓ ବଦଳୀ କରି ଦାୟିତ୍ୱ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୭ରୁ ଶିଶୁପାଳ ଗ୍ରାମପଂଚାୟତଠାରୁ ଲିଙ୍ଗିପୁର ଗ୍ରାମପଂଚାୟତ ଅଲଗା ହୋଇଛି। ଏହାର ୧୩ ଗୋଟି ୱାର୍ଡ ରହିଅଛି। ଶିଶୁପାଳଗଡର ବି ୧୩ଟି ୱାର୍ଡ ରହିଅଛି। ଜଣେ ପିଇଓ ୨ଟି ଦୁଇଟି ଦାୟିତ୍ୱରେ ରହିଲେ ଉନ୍ନୟନମୂଳକ କାର୍ଯ୍ୟ ନିଶ୍ଚିତ ଭାବରେ ବାଧାପ୍ରାପ୍ତ ହେବ। ଏହାକୁ ଦିଗହରା କରିବା ପାଇଁ ଷଡଯନ୍ତ୍ର ଓ ବଦଳୀରେ ସ୍ୱଚ୍ଛତାର ଅଭାବ ପରିଲକ୍ଷିତ ହୋଇଛି। କାହା ସ୍ୱାର୍ଥରେ ଏବଂ କେଉଁ ନିୟମ ବଳରେ ଏଭଳି ପଦକ୍ଷେପ । ପଂଚାୟତ ଗୁଡିକରେ ସମସ୍ୟା କମିବା ପରିବର୍ତେ ଦିନକୁ ଦିନ ବଢିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଉଲ୍ଲେଖନୀୟ ଯେ ଗତ ୪ ମେ' ୨୦୨୨ ଦିନ ଭୁବନେଶ୍ୱର ବିଡିଓ ତାଙ୍କର ବଦଳୀ ଆଦେଶ ସଂଖ୍ୟା ୨୧୦୯ରେ ୧୪ ଜଣ ପିଇଓଙ୍କୁ ବଦଳୀ କରିଥିଲେ, ତା ମଧ୍ୟରୁ ସିରିୟଲ ନଂ ୧୪ରେ ଥିବା ପିଇଓଙ୍କୁ ଶିଶୁପାଳଗଡ ଓ ଲିଙ୍ଗିପୁର ଦାୟିତ୍ୱ ଦିଆଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶିଶୁପାଳ ଓ ଲିଙ୍ଗିପୁର ଗ୍ରାମପଂଚାୟତ ମୋଟ ୧୩ଟି ଲେଖାଏଁ ୱାର୍ଡ ରହିଛି। ସମୁଦାୟ ୨୬ଟି ୱାର୍ଡକୁ କେଉଁ ଭାବରେ ବିଡିଓ ମହାଶୟ ଗୋଟିଏ ପିଇଓଙ୍କୁ ତରବରିଆ ଭାବରେ ଦାୟିତ୍ୱ ଦେଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଲିଙ୍ଗିପୁର ଗ୍ରାମ ପଂଚାୟତ କ'ଣ ସରକାରଙ୍କର ସାବତ ପୁଅ କି ? ରାଜ୍ୟ ସରକାର ପଂଚାୟତସ୍ତରକୁ ସୁଦୃଢ କରିବା ପାଇଁ ପଂଚାୟତରେ ସବୁ ସୁବିଧା ସୁଯୋଗ ଦେବା ପାଇଁ ଅପ୍ରାଣ ଉଦ୍ୟମ କରୁଥିବାବେଳେ ଗୋଟିଏ ପିଇଓଙ୍କୁ ୨ଟି ଦାୟିତ୍ୱ ଦେଇ ବିଡିଓ ମହାଶୟ କଣ ପ୍ରମାଣ କରିବାକୁ ଚାହୁଁଛନ୍ତି ସେ ନିଜେ ଜାଣିଥିବେ। ଗ୍ରାମ ପଂଚାୟତରେ ଆସୁଥିବା ବିଭିନ୍ନ ୱାର୍ଡର ସମସ୍ୟା ଯେଉଁଭଳି ଭାବେ ସମାଧାନ ହୋଇପାରିବ ସେଥିପ୍ରତି ବୋଧେ ବିଡିଓ ମହାଶୟଙ୍କ ଭୃକ୍ଷେପ ନାହିଁ। ରାସନ୍ କାର୍ଡଠୁ ଆରମ୍ଭ କରି ଭତା ବଂଟନ, ପାନୀୟ ଜଳ, ରାସନ ସାମଗ୍ରୀ, ପ୍ରତି ୱାର୍ଡର ମାସିକିଆ ବୈଠକର ବିବରଣୀ ରଖିବା ଏବଂ ତାଙ୍କର ସମସ୍ୟା ସମାଧାନକୁ ନେଇ ସଂରପଚ ଏବଂ ବ୍ଲକ କାର୍ଯ୍ୟାଳୟକୁ ପଂହଚାଇବା ଇତ୍ୟାଦି ତାଙ୍କର ମୁଖ୍ୟ କାର୍ଯ୍ୟ। ଏଠାରେ ଗୋଟିଏ ଉଲ୍ଲେଖନୀୟ ଘଟଣା ସାଧାରଣ ପ୍ରଶାସନ ବିଭାଗର ଆଦେଶ ସଂଖ୍ୟା ୧୧୮୧୮/SCS, ଏପ୍ରିଲ ୩୦ରେ ବିଡିଓଙ୍କ ବଦଳୀ ଆଦେଶ କିନ୍ତୁ ଆଶ୍ଚର୍ଯ୍ୟର କଥା ସେହିଦିନ(PEO) ପଂଚାୟତ ଏକ୍ୟୁଜିକ୍ୟୁଟିଭ ଅଫିସରଙ୍କ ବଦଳିର ଆଦେଶ କରାଯାଇଛି। କି ସଂଯୋଗ କଣ ଉଦ୍ଦେଶ୍ୟ? କାହା ସ୍ୱାର୍ଥରେ PEOମାନଙ୍କ ବଦଳୀ ଏକାଦିନେ । ଏହି ବଦଳୀ ଆଦେଶ ୦୪.୦୫.୨୨ରେ ସମସ୍ତ PEOଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି ଏବଂ ସେଥିରେ ନିର୍ଦ୍ଦେଶ ଦିଆଯାଇଛି, ତିନିଦିନ ଭିତରେ ଦାୟିତ୍ୱ ହସ୍ତାନ୍ତର କରି ନୂତନ ଭାବେ ବଦଳୀ ହୋଇଥିବା ଯାଗାରେ ଯୋଗଦାନ କରିବେ। ଏଣୁ ବିଭାଗୀୟ ମନ୍ତ୍ରୀ, ବିଭାଗୀୟ ସଚିବ, ଖୋର୍ଦ୍ଧା ଜିଲ୍ଲାପାଳ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହି ବଦଳୀ ତାଲିକାକୁ କେନ୍‌ସଲ୍ କରିବାକୁ ସବୁ ସ୍ତରରୁ ଦାବୀ ହେଉଛି। ଏବଂ କେଉଁ ପରିସ୍ଥିତିରେ ଏକାଦିନେ ଆଦେଶ ବାହାରିଲା ତାହା ମଧ୍ୟ ତଦନ୍ତସାପେକ୍ଷ। ଏହି ଅକ୍ଷମଣୀୟ କାର୍ଯ୍ୟାନୁଷ୍ଠାରେ ଦାୟିତ୍ୱହୀନତା କାରଣରୁ କାହିଁକି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ? ଏ ଦିଗରେ ପଂଚାୟତିରାଜ ବିଭାଗ ସମସ୍ତ ଘଟଣାକୁ ତଦନ୍ତ କରି ଦୋଷୀ ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ସହିତ ଜନସାଧାରଣଙ୍କର ସ୍ୱାର୍ଥ ଦୃଷ୍ଟିରୁ ଲିଙ୍ଗିପୁର ପଂଚାୟତରେ ଅଲଗା ଭାବେ ପିଇଓ ଅବସ୍ଥାପିତ କରାଯାଉ। ଭୁବନେଶ୍ୱର ବିଡିଓଙ୍କୁ ହ୍ୱାଟସ୍‌ଆପ୍ ଦ୍ୱାରା ଏହି ନିର୍ଦ୍ଦେଶ ପରେ ପ୍ରତକ୍ରିୟା ପାଇଁ ଆମ ପ୍ରତିନିଧି ଜାଣିବାକୁ ଚାହିଁଥିଲେ ମଧ୍ୟ ବିଡିଓ ମହାଶୟ ନୀରବ।

## ରାଜ୍ୟର ୧୪ ବର୍ଷର ମୁଖ୍ୟମନ୍ତ୍ରୀଙ୍କ ସ୍ମୃତିରକ୍ଷା କରିବାରେ ରାଜ୍ୟ ସରକାରଙ୍କ ଅବହେଳା

ଭୁବନେଶ୍ୱର (ପିଏନ୍)-ଓଡ଼ିଶାର ଗର୍ବ ଓ ଗୌରବ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ତଥା ବରିଷ୍ଠ ଜନନେତା ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ୭ମ ଶ୍ରାଦ୍ଧ ଉତ୍ସବ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ କଂଗ୍ରେସ ଭବନଠାରେ ମହାସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ କହିଲେ ଯେ ଜାନକୀବାବୁଙ୍କ ୧୪ ବର୍ଷ ଶାସନ କାଳରେ ଓଡ଼ିଶାର ବିକାଶର ଇତିହାସ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଜାନକୀବାବୁଙ୍କ ଶାସନ କାଳରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ପର୍ଯ୍ୟଟନ କ୍ଷେତ୍ରରେ ଯେଉଁ ବିକାଶ ହୋଇଥିଲା ଆଜିର ଯୁବ ପିଢ଼ି ପାଖରେ ସେ ବାର୍ତା ପହଂଚାଇବାର ଆବଶ୍ୟକତା ରହିଛି। ଓଡ଼ିଆ ଯୁବକମାନଙ୍କୁ ପ୍ରତିଷ୍ଠିତ କରିବା ପାଇଁ ସେ ହୋଟେଲକୁ ଶିଳ୍ପର ମାନ୍ୟତା ଦେଇଥିଲେ। କୃଷିର ବିକାଶ ପାଇଁ ଜଳସେଚନକୁ ଅଗ୍ରାଧିକାର ଦିଆଯାଇଥିଲା। କିନ୍ତୁ ରାଜ୍ୟ ସରକାର ଏଭଳି ଜଣେ ଦୂରଦୃଷ୍ଟିସଂପନ୍ନ ଜନନେତାଙ୍କ ସ୍ମୃତିରକ୍ଷା କ୍ଷେତ୍ରରେ ଚରମ ଅବହେଳା ପ୍ରଦର୍ଶନ କରିଛନ୍ତି, ଯାହା ଅତ୍ୟନ୍ତ କ୍ଷୋଭର ବିଷୟ। ସ୍ମୃତିଚାରଣ କରି ବରିଷ୍ଠ କଂଗ୍ରେସ ନେତା ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ କହିଲେ ଯେ କୃଷକମାନଙ୍କ ପାଇଁ ୧୧ଟି ଚିନିକଳ, ୪୬ଟି ଶୀତଳ ଭଣ୍ଡାର ଓ ୯ଟି ସ୍ପିନିଙ୍ଗ ମିଲ ପ୍ରତିଷ୍ଠା ଜାନକୀବାବୁଙ୍କ ଶାସନ କାଳରେ କରାଯାଇଥିଲା। ତାହା ଏ ସରକାର ସମୟରେ ଇତିହାସ ହୋଇଯାଇଛି। କଂଗ୍ରେସ ସେବାଦଳର ରାଜ୍ୟ ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସ୍ୱାଗତ ଭାଷଣରେ କହିଲେ କଂଗ୍ରେସ ଭବନ ସମ୍ମୁଖରେ ସ୍ୱର୍ଗତଃ ଜାନକୀବାବୁଙ୍କର ଏକ ପ୍ରତିମୂର୍ତି ସ୍ଥାପନ ପାଇଁ ଆମେ ଦୀର୍ଘ ୭ ବର୍ଷ ହେବ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବୀ କରି ଆସୁଛୁ କିନ୍ତୁ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହେଲା ନାହିଁ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ଶେଷରେ ସାଧାରଣ ସଂପାଦକ ଚିନ୍ମୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ମନୋରଂଜନ ଦାଶ, ମୁଖପାତ୍ର ରଜନୀ ମହାନ୍ତି, କଂଗ୍ରେସ ନେତା ପ୍ରକାଶ ମିଶ୍ର, ସତ୍ୟସ୍ମିତ ମହାନ୍ତି, ଆଲୋକ ମହାନ୍ତି, ମିହିର ଆଚାର୍ଯ୍ୟ, ସୁଭାଷ ପ୍ରଧାନ, ଭାସ୍କର ସେଠୀ, ମନୋରଂଜନ କୁଣ୍ଡୁ, କୁଳମଣି ସାହୁ, ମହମ୍ମଦ ସହାଦୁଲ୍ଲା, ସତ୍ୟବ୍ରତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀରାମ ସେବା ସଂଗଠନର ଜଳଛତ୍ର ଓ ଖାଦ୍ୟ ବ ନ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)- ବାଲେଶ୍ୱରରେ ଶ୍ରୀରାମ ସେବା ସଂଗଠନର ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଅବସରରେ ତିନିଦିନ ଧରି ରନ୍ଧା ଖାଦ୍ୟ ବ ନ ସହିତ ବାଲେଶ୍ୱର ରେଲୱେ ଷ୍ଟେସନ ସାମ୍ନାରେ ଏକ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ବାଲେଶ୍ୱରର ସିନେମା ଛକ, ବସ ଷ୍ଟାଣ୍ଡ, ମେଡିକାଲ, ଆଇଟିଆଇ ଛକ ଓ ସାଇ ମନ୍ଦିର ପ୍ରଭୃତି ସ୍ଥାନମାନଙ୍କରେ ଗରିବ ଅସହାୟ ଲୋକମାନଙ୍କୁ ଶ୍ରୀରାମ ସେବା ସଂଗଠନର ସଦସ୍ୟ ମାନେ ଏକ ଗାଡ଼ି ସାହାଯ୍ୟରେ ବୁଲି ବୁଲି ରନ୍ଧାଖାଦ୍ୟ ବ ନ କରିଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ରେଲୱେ ଷ୍ଟେସନଠାରେ ଏକ ଜଳଛତ୍ର କେନ୍ଦ୍ର ଖୋଲାଯାଇ ଦହି ସରବତ ବ ନ କାର୍ଯ୍ୟକ୍ରମ ଜାରି ରହିଛି। ଏହି କାର୍ଯ୍ୟକ୍ରମକୁ ସଭାପତି କୃତିବାସ ମହାନ୍ତି, ସହସଂପାଦକ ଚି ରଞ୍ଜନ ମହାନ୍ତି, ସନ୍ତୋଶ କୁମାର ଜେନା ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ କୁମାର ଶୁଭକାନ୍ତ ଶ୍ରୀକାନ୍ତ ନନ୍ଦ ଚନ୍ଦନେଶ୍ୱର ଚତଧାରୀଙ୍କ ତ ୍ୱବଧାନରେ ଅନୁଷ୍ଠିତ ହୋଇଥିଲା। ସଂଗଠନର ଏହିଭଳି କାର୍ଯ୍ୟକ୍ରମକୁ ବାଲେଶ୍ୱର ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରିବା ସହିତ ସଂଗଠନର ଉ ରୋତର ଉନ୍ନତି କାମନା କରିଥିଲେ।

### ଗୋରୁ ବୋଝେଇ କଂଟେନର ଜବତ

ଖୋର୍ଦ୍ଧା (ପିଏନ)-ବେଗୁନିଆ ଥାନା ଅନ୍ତର୍ଗତ ବାଘମାରୀ-କଂଟିଲୋ ୪୮ ନମ୍ବର ଜାତୀୟ ରାଜପଥରେ ବିଳମ୍ବିତ ରାତିରେ ଏକ ଗୋରୁବୋଝେଇ କଂଟେନର ବଡବେରଣା ଗ୍ରାମ ନିକଟରୁ ପୋଲିସ ଜବତ କରିବା ସହ ଅଭିଯୁକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ମୁତାବକ କୁଶପଲ୍ଲୀ ଗ୍ରାମରୁ ଏକ ଓଆର ୦୨ ବିଟି ୦୨୧୬ ନମ୍ବର ବିଶିଷ୍ଟ କଂଟେନରରେ ୩୫ଟି ଗୋରୁ ବୋଝେଇ କରି ୪୮ ନମ୍ବର ଜାତୀୟ ରାଜପଥରେ କଂଟିଲୋ ଅଭିମୁଖେ ଯାଉଥିବା ସମୟରେ ପୋଲିସ ଗାଡିକୁ ଜବତ କରିବା ସହ ଗାଡିର ଚାଳକ ମହମ୍ମଦ ସିରାଜଉଦ୍ଦିନ (୫୨), ଆବଦୁଲ ସାମସୁଦ୍ଦିନ ଖାଁ (୪୧) ଓ ଅତାରୁ ଖାଁ (୩୨)କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିଛି ।

### ପ୍ରାକ୍ତନ ଛାତ୍ର କେନ୍ଦ୍ରା ଳ ରାଜସ୍ୱ ଆୟୁକ୍ତଙ୍କୁ କେନ୍ଦ୍ରାପଡା କଲେଜରେ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ୧୯୮୦ - ୮୨ ବ୍ୟାଚର ଛାତ୍ର ତଥା ବ ମାନର କେନ୍ଦ୍ରା ଳ ରାଜସ୍ୱ ଡିଭିଜନର କମିଶନର ଡଃ. ସୁରେଶ ଚନ୍ଦ୍ର ଦଳାଇଙ୍କୁ କଲେଜର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ପୁରାତନ ଛାତ୍ର ଓ ପରିଚାଳନା ପରିଷଦ ପକ୍ଷରୁ ଅଧ୍ୟକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପ୍ରାକ୍ତନ ଇଂରାଜୀ ଅଧ୍ୟାପକ ତଥା ତାଙ୍କର ଶିକ୍ଷକ ଦୁର୍ଯୋଧନ ପରିଡା ତାଙ୍କ ପରିଚିତି ସମ୍ପର୍କରେ ଅବଗତ କରାଇବା ସହ କଲେଜର ସମସ୍ୟା ପ୍ରତି ନିଜ କାର୍ଯ୍ୟ ଜରିଆରେ ସେ ସମ୍ପୃ ି ପ୍ରକାଶ କରିଥିବା ପ୍ରତିବଦ୍ଧତାର ମଧ୍ୟ ସୂଚନା ଦେଇଥିଲେ । ପୁରାତନ ଛାତ୍ର ସଂସଦର ସଭାପତି ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦ କିଶୋର ପରିଡା ଆଶୀର୍ବଚନ ସହ କଲେଜକୁ ବିଶ୍ୱ ବିଦ୍ୟାଳୟ କରିବା ନିମି ଆବଶ୍ୟକ ଭି ିଭୂମୀ ଯୋଗାଡ ପାଇଁ ତାଙ୍କ ସହଯୋଗ କାମନା କରିଥିଲେ । କଲେଜ ପରିଚାଳନା ପରିଷଦର ଅଧ୍ୟକ୍ଷ ଡା. ବାସୁଦେବ ପାତ୍ର କଲେଜ ଜମି ସମସ୍ୟାର ସମାଧାନ ପ୍ରସଙ୍ଗ ଅବଗତ କରାଇଥିଲେ । ପ୍ରାକ୍ତନ ଅଧ୍ୟକ୍ଷ ଡଃ. ସେକ ସମସୁର, ପରିଚାଳନା ପରିଷଦ ସଭ୍ୟ ଅଧ୍ୟାପକ ଅଜୟ ସାମଲ ଓ ଉପାଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରା ତାଙ୍କୁ ଫୁଲତୋଡା ଓ ଉ ରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସମ୍ବର୍ଦ୍ଧନାର ଉ ରରେ ନିଜ ମାତୃ ଶିକ୍ଷାକେନ୍ଦ୍ରର ବିକାଶ ପାଇଁ ନିଜ ସାମର୍ଥ୍ୟ ମତେ ସମସ୍ତ ସହାୟତା ଯୋଗାଇଦେବାକୁ ସେ ସଭାରେ ପ୍ରକାଶ କରିଥିଲେ । ଏହି ଅବସରରେ ସେ ମଧ୍ୟ କଲେଜର ଜମିଜମା ଦାୟିତ୍ୱ ବୁଝୁଥିବା ପ୍ରାକ୍ତନ ଅଧ୍ୟାପକ ବାସୁଦେବ ଦାସଙ୍କୁ ଉ ରୀୟ ପ୍ରଦାନ ପୂର୍ବକ ସମ୍ମାନୀତ କରିଥିଲେ । ଏହି ସଭାରେ ପଟ୍ଟାମୁଣ୍ଡାଇ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଦେବବ୍ର ପ୍ରଧାନ, ଛତିଆ ମହାପୁରୁଷ ହାଡିଦାସ କଲେଜର ଇଂରାଜୀ ବିଭାଗ ମୁଖ୍ୟ ଡଃ. ବିଶ୍ୱନାଥ ଦାସ, ଅବସରପ୍ରାପ୍ତ ଅଧ୍ୟାପକ ଡଃ. ପ୍ରମୋଦ ଦାସ ଅଧ୍ୟାପକ ଡଃ. ସଞ୍ଜିବ ମହାନ୍ତି, ମେଜର ମନୋରଞ୍ଜନ ମହାନ୍ତି, ରାମଚନ୍ଦ୍ର ପାତ୍ର, ଗୌର ପ୍ରସାଦ ଷଡଙ୍ଗୀ, ଅଶୋକ ଦାସ, ଅଧ୍ୟାପିକା ଡଃ. ରତ୍ନମଞ୍ଜରୀ ଦାଶ, ଡଃ. ପୌର୍ଣ୍ଣମାସୀ ପଣ୍ଡା, କ୍ୟାପ୍ଟେନ ସୀମା ମହାନ୍ତି, ମୁଖ୍ୟ ଅଫିସ ସହାୟକ ରଞ୍ଜନ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ଅଧ୍ୟାପକ ରଞ୍ଜିତ କୁମାର ଦାସ, ଡଃ. ପ୍ରଭାକର ମଲ୍ଲିକ ଓ ସୁବ୍ରତ ପାତ୍ର ପ୍ରମୁଖ ଏଥିରେ ସକ୍ରିୟ ସହଯୋଗ କରିଥିଲେ । ଉପାଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

### ଅଠରଗଡ଼ ରଜକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଖୋର୍ଦ୍ଧା (ପିଏନ୍)-ଅଠରଗଡ଼ ରଜକ ସଂଘର ବାର୍ଷିକ ଉତ୍ସବ ଖୋରଧା ମା'ବରୁଣେଇଙ୍କ ପୀଠରେ ସଂଘର ସଭାପତି ଭାଗିରଥୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କୋଷାଧ୍ୟକ୍ଷ ଅଜୟ କୁମାର ସେଠୀ ସ୍ୱାଗତ ଜଣାଇବା ପରେ ସାଧାରଣ ସମ୍ପାଦକ ଜୟଦେବ ସେଠୀ ବାର୍ଷିକ ବିବରଣୀ ପାଠ କରି ସଂଘର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାୟ ୪ଟି ବିଧାନସଭା କ୍ଷେତ୍ର ମଧ୍ୟରେ ଥିବା ସଂଘର ୩୪ଟି ଗଡ଼ ବେହେରାମାନଙ୍କୁ ଏବଂ ଗତ ପଂଚାୟତ ଓ ପୌର ନିର୍ବାଚନରେ ବିଜୟୀ ନିର୍ବାଚିତ ପ୍ରତିନିଧିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରିୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସଂଘର ସର୍ବୋଚ୍ଚ ସେବା ସମ୍ମାନ ଅଠରଗଡ଼ ଗୌରବ ୨୦୨୨ ଲକ୍ଷ୍ମଣ ସେଠୀଙ୍କୁ ଓ ମରୋଣତୋରଭାବେ ପରମାନନ୍ଦ ସେଠୀଙ୍କୁ ମାନପତ୍ର ଓ ଉତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଉତ୍କଳ ରଜକ ମହାସଂଘ ଓଡ଼ିଶାର ପଦାଧିକାରୀ ଓ ଅନ୍ୟମାନଙ୍କ ମଧ୍ୟରେ ମନୋଜ ସେଠୀ, ରବିନ୍ଦ୍ର କୁମାର ସେଠୀ, ଗୋବିନ୍ଦ ଚନ୍ଦ୍ର ସେଠୀ ମଂଚାସୀନ ଥିଲେ। ଆଇନ ପରାମର୍ଶ ଦାତା ଅଜୟ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ପବିତ୍ର ରମ୍‌ଜାନ ବା ରୋଜା ମାସ ଆରମ୍ଭ



ଫଟୋ : ଶୁଭେନ୍ଦୁ

ଭୁବନେଶ୍ୱର- ଇସଲାମ୍ କ୍ୟାଲେଣ୍ଡରର ନବମ ମାସ ହେଉଛି ରମ୍‌ଜାନ । ଏହି ମାସରେ ମୁସଲମାନ ଭାଇଭଉଣୀମାନେ ରୋଜା ରଖନ୍ତି । ସୂର୍ଯ୍ୟୋଦୟ ପୂର୍ବରୁ ସୂର୍ଯ୍ୟାସ୍ତ ମଧ୍ୟରେ ସେମାନେ କୌଣସି ଖାଦ୍ୟ କିମ୍ବା ପାଣି ପିଅନ୍ତି ନାହିଁ । ଅର୍ଥାତ୍ ସେମାନେ ଖରା,ବର୍ଷା, ଶୀତ , କାକର ଆଦିକୁ ଖାତିର ନ କରି ପୂରା ନିର୍ଜଳା ଉପବାସ କରି ବ୍ରତ କରନ୍ତି । ଏହାଛଡା ସବୁ ରାତି ସାଢେ ୮ଟାରୁ ୧୦.୩୦ମିନିଟ୍ ପର୍ଯ୍ୟନ୍ତ ସବୁ ମସଜିଦ୍‌ରେ ନମାଜ ପାଠ କରନ୍ତି । ଏହି ସମୟରେ ସେମାନେ ଇଫତାର ପାର୍ଟି କରିଥାଆନ୍ତି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥ ଅନନ୍ତନାରାୟଣ ବ୍ୟବସାୟ ସଂଘ ତରଫରୁ ଏକ ଇଫତାର ପାର୍ଟିର ଆୟୋଜନ ଶେଖ୍ ଅଲ୍ଲୀ ଆଜାଦ୍‌ଙ୍କ ତତ୍ୱାବଧାନରେ କରାଯାଇଥିଲା । ଏହି ଇଫତାର ପାର୍ଟିରେ ଅନନ୍ତ ନାରାୟଣ ବ୍ୟବସାୟ ସଂଘର ସମ୍ପାଦକ ଶେଖ୍‌ଆଜାଦ୍ ଅଲ୍ଲୀଙ୍କ ସମେତ ଅନ୍ୟାନ୍ୟ ସଭ୍ୟ ଯଥା ମହମ୍ମଦ ଅଖତର, ଦିଲଦାର ମହମ୍ମଦ, ଏମ୍.ଡି କରିମ୍, ଶେଖ୍ ଅଜିଜ୍‌ଏବଂ ଟୁନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପର୍ବ ମାସେ କାଳ ପାଳିବା ପରେ ଇଦ୍- ଉଲ୍ – ଫିତର ପାଳନକରାଯାଇଥାଏ । ସେମାନେ ପ୍ରତ୍ୟେକ ଦିନ ୫ଥର ନମାଜ ପାଠ କରିଥାଆନ୍ତି । ଏହି ସମୟରେ ସମସ୍ତ ମୁସଲମାନ ଭାଇଭଉଣୀମାନେ ନିଜ ନିଜର ସ୍ଥାନୀୟ ମସଜିଦ୍‌କୁ ଯାଇ ମସଜିଦ୍ ପରିସରକୁ ପରିଷ୍କାର ଓ ପରିଚ୍ଛନ୍ନ କରିବା ସହସେଠାରେ ପ୍ରତ୍ୟେକ ଦିନ ସନ୍ଧ୍ୟା ୬ଟା ୧୦ ମିନିଟ୍ ସମୟରେ ସେମାନଙ୍କର ଓଷା ଫିଟାଇ ମୌଲବୀଙ୍କ ଜରିଆରେରାତି ସାଢେ ୮ଟା ବେଳକୁ ସମୂହ ନମାଜ ପାଠ କରିବା ସହ ଫଳମୂଳ ଆହାର କରି ଦୁଃଖୀ ରଙ୍କିଙ୍କୁ ଦାନ ଧର୍ମ କରିଥାଆନ୍ତି ।

## ଲକ୍ଷ୍ମୀ ମାର୍କେଟ ଅଗ୍ନିକାଣ୍ଡର କାରଣ ନିରାକରଣ ସମୀକ୍ଷା

ପୁରୀ ୪।୧୧(ପି.ଏନ): ପୁରୀ ବଡଦାଣ୍ଡ ଗ୍ରାଣ୍ଡ ରୋଡ଼ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସରେ ଅଗ୍ନି କାଣ୍ଡ ଘଟଣାର କାରଣ, ନିରାକରଣ ଏବଂ ଭବିଷ୍ୟତ ପାଇଁ ମାର୍ଗଦର୍ଶିକା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଉପଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଏହି ବୈଠକରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଅଗ୍ନି କାଣ୍ଡ ସମ୍ପର୍କରେ ସୂଚନା ଦେଇଥିଲେ । ମାର୍ଚ୍ଚ ୮ ତାରିଖ ହୋଲି ଦିନ ପ୍ରାୟ ରାତି ୮ ଟା ସମୟରେ ବିଦ୍ୟୁତ ସଟ ସର୍କିଟରୁ ଅଗ୍ନି କାଣ୍ଡ ଘଟିଥିଲା । ଏହି କମ୍ପ୍ଲେକ୍ସ ର ତଳ ମହଲାରେ ୪୩ ଟି ବ୍ୟବସାୟିକ ଦୋକାନ, ପ୍ରଥମ ମହଲାର ବାମ ପାର୍ଶ୍ୱରେ ସପିଙ୍ଗ ମଲ ଓ ଡାହାଣ ପାର୍ଶ୍ୱରେ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ରହିଥିଲା । ଦ୍ୱିତୀୟ ଓ ତୃତୀୟ ମହଲାରେ ହୋଟେଲ ସମ୍ରାଟ ରହିଥିଲା ।

# ଲକ୍ଷ୍ମୀ ମାର୍କେଟ ଅଗ୍ନିକାଣ୍ଡର କାରଣ ନିରାକରଣ ସମୀକ୍ଷା

ପୁରୀ ୪।୧୧(ପି.ଏନ): ପୁରୀ ବଡଦାଣ୍ଡ ଗ୍ରାଣ୍ଡ ରୋଡ଼ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସରେ ଅଗ୍ନି କାଣ୍ଡ ଘଟଣାର କାରଣ, ନିରାକରଣ ଏବଂ ଭବିଷ୍ୟତ ପାଇଁ ମାର୍ଗଦର୍ଶିକା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଉପଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଏହି ବୈଠକରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଅଗ୍ନି କାଣ୍ଡ ସମ୍ପର୍କରେ ସୂଚନା ଦେଇଥିଲେ । ମାର୍ଚ୍ଚ ୮ ତାରିଖ ହୋଲି ଦିନ ପ୍ରାୟ ରାତି ୮ ଟା ସମୟରେ ବିଦ୍ୟୁତ ସଟ ସର୍କିଟରୁ ଅଗ୍ନି କାଣ୍ଡ ଘଟିଥିଲା । ଏହି କମ୍ପ୍ଲେକ୍ସ ର ତଳ ମହଲାରେ ୪୩ ଟି ବ୍ୟବସାୟିକ ଦୋକାନ, ପ୍ରଥମ ମହଲାର ବାମ ପାର୍ଶ୍ୱରେ ସପିଙ୍ଗ ମଲ ଓ ଡାହାଣ ପାର୍ଶ୍ୱରେ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ରହିଥିଲା । ଦ୍ୱିତୀୟ ଓ ତୃତୀୟ ମହଲାରେ ହୋଟେଲ ସମ୍ରାଟ ରହିଥିଲା ।ଏହି ହୋଟେଲରେ ରହୁଥିବା ମହାରାଷ୍ଟ୍ରର ଓ ଗଞ୍ଜାମ ହିଞ୍ଜିଳିକାଟୁର ପର୍ଯ୍ୟଟକ ମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବା ସହ ସେମାନଙ୍କ ସାମଗ୍ରୀ ଗୁଡିକ ମଧ ପରବର୍ତୀ ସମୟରେ ଉଦ୍ଧାର କରାଯାଇଥିଲା ବୋଲି ଶ୍ରୀ ସାହୁ ସୂଚନା ଦେଇଥିଲେ । ଜିଲ୍ଲା ଅଗ୍ନି ଶମ ଅଧିକାରୀ ନାରାୟଣ ଦାସ ଏହି ନିଆଁ ଲିଭାରେ ୧୧ଟି ଅଗ୍ନି ନିର୍ବାପକ ଗାଡି, ୨୦୦ କର୍ମଚାରୀ,୩୬ ଘଂଟା ଲାଗି ନିଆଁକୁ ଆୟତ କରିଥିଲେ । ଯେହେତୁ ଏହି ବିଲ୍ଡର ତିନି ପାର୍ଶ୍ୱରୁ ପ୍ରବେଶ ସୁବିଧା ନ ଥିଲା ସେଯୋଗୁ କେବଳ ସମ୍ମୁଖ ଭାଗରୁ ହିଁ ନିଆଁ ଲିଭା ଉଦ୍ୟମ କରାଯାଇଥିଲା ବୋଲି କହିଥିଲେ । ଉପଜିଲ୍ଲାପାଳ ଭବତାରଣ ସାହୁ ରଥଯାତ୍ରା ପୂର୍ବରୁ ବଡଦାଣ୍ଡରେ ଥିବା ସମସ୍ତ ବିଲଡିଙ୍ଗ ଗୁଡ଼ିକ ର ସମୀକ୍ଷା କରାଯିବା ସହ ସୁରକ୍ଷା ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦିଆଯାଉଛି ବୋଲି ସୂଚନା ଦେଇଥିଲେ । ବିସ୍ତୃତ ଆଲୋଚନା ପରେ ଓସଡାମାର ଜିଏମ ମଳୟ ପ୍ରଧାନ ତୃଟି ରୁ ଶିକ୍ଷା ଲାଭ ଓ ଭବିଷ୍ୟତରେ ଯେପରି ଏଭଳି ଦୁର୍ଘଟଣା ନ ହେବ ସେଥିପ୍ରତି ସମସ୍ତେ ସତର୍କ ରହିବା ଉଚିତ ବୋଲି କହିଥିଲେ । ଏକ ଯୁଗ୍ମ ଟିମ ବିଲ୍ଡିଂ ନିର୍ମାଣ ବୈଷୟିକ ଅଧିକାରୀ, ଫାୟାର ଅଧିକାରୀ, ବିଦ୍ୟୁତ ବିଭାଗ, ବିଲଡିଙ୍ଗ ନିର୍ମାଣ ଅନୁମତି ଦେଉଥିବା ଅଧିକାରୀ ମାନଙ୍କୁ ନେଇ ବିଲ୍ଡିଂର ପୂର୍ଣ୍ଣାଙ୍ଗ ଅଡିଟ କରିବାକୁ ସେ ମତ ଦେଇଥିଲେ । ୨୦୧୭ ପୂର୍ବର ଓ ୨୦୧୭ ପରର ବିଲଡିଙ୍ଗ ଗୁଡିକର ନିୟମ ଅନୁସାରେ ସମୀକ୍ଷା ହେବା ଜରୁରୀ ବୋଲି ସେ କହିଥିଲେ । ଓସଡାମାର ଅନ୍ୟତମ ଜିଏମ ଡଃ ସୁନିତା ଜେନା,ଡିଜିଏମ ସୁନିଲ କୁମାର ସାହୁ ଫାୟାର ଅଡିଟ, ନିର୍ବାପକ ବ୍ୟବସ୍ଥା ସମ୍ପର୍କରେ ମକଡ୍ରିଲ ମାଧମରେ ସମସ୍ତଙ୍କୁ ଶିକ୍ଷା ଓ ସଚେତନତା ପ୍ରଦାନ ଉପରେ ଗୁରୁତ୍ୱ ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଏସ ପି ମିହିର କୁମାର ପଣ୍ଡା, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଏଡିଏମଓ ଡା ବିରଜା ଶଙ୍କର ରଥ,ସହକାରୀ ଜିଲ୍ଲାପାଳ ରାଜ ବଲ୍ଲଭ ନାୟକ ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ । ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ ।

## ଭଦ୍ରକ ଜିଲ୍ଲା ରକ୍ତଦାତା ପ୍ରର୍ବକ ସଂଘର ବୈଠକ - ମହମ୍ମଦ ଅବ୍‌ଦୁଲ୍ ବାରୀଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ (ପି.ଏନ) ; ସେବା ମଣିଷର ପରମ ଧର୍ମ ତ୍ୟାଗପୂତ ଜୀବନ ମାଧ୍ୟମରେ ନିଃସ୍ୱାର୍ଥପର ସେବାହିଁ ମଣିଷ ଜୀବନକୁ ଚରିତାର୍ଥ କରିଥାଏ । ୨୦୦୬ ମସିହାରୁ ଭଦ୍ରକ ଜିଲ୍ଲା ରକ୍ତଦାତା ଓ ପ୍ରର୍ବକ ସଂଘରେ ସଭାପତି ଭାବେ ଦାୟୀତ୍ୱ ସମ୍ପନ୍ନ କରି କାର୍ଯ୍ୟରୁ ବିଶ୍ରାମ ନେଇଥିବା ଜାତୀୟ ସଦ୍‌ଭାବନା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ମହମ୍ମଦ ଅବଦୁଲ ବାରୀଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଡାକ୍ତର ହରେକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଏହି ସଭାରେ ଉପସଭାପତି ସୁଧାକର ରାଉତ ସ୍ୱାଗତ ଓ ଅତିଥି ପରିଚୟ କରିଥିବା ବେଳେ ସଂଘର ସମ୍ପାଦକ ସଂଗ୍ରାମ କିଶୋର ମହାନ୍ତି ଭଦ୍ରକ ଜିଲ୍ଲାରେ ସ୍ୱେଚ୍ଛାକୃତ ରକ୍ତଦାନକୁ ଏକ ଆନ୍ଦୋଳନରେ ପରିଣତ କରିଥିବା ଉପସ୍ଥିତ ସ୍ୱେଚ୍ଛାସେବୀ ସଂଗଠନର ନିଃସ୍ୱାର୍ଥପର ପ୍ରୟାସ ଏବଂ ଅବଦୁଲ୍ ବାରୀଙ୍କର ମାର୍ଗଦର୍ଶନ ସମ୍ବନ୍ଧରେ ଆଲୋକ ପାତ କରିଥିଲେ ।

## ଜିଲା ଚିକିତ୍ସାଳୟରେ ୪ଟି ବେଡ ବିଶିଷ୍ଟ ଆଇସିୟୁ ଉଦଘାଟନ

ଜୟପୁର, ଭୁବନେଶ୍ୱର,୪୪।୬ ଜୟପୁର ସ୍ଥିତ ଜିଲା ଚିକିତ୍ସାଳୟରେ ୪ଟି ବେଡ ବିଶିଷ୍ଟ ଆଇସିୟୁ ଉଦଘାଟନ ହୋଇଛି । ଏନେଇ ଜିଲା ଚିକିତ୍ସାଳୟରେ ହସ୍ତାନ୍ତରଣ ଉତ୍ସବ ଅନୁଷ୍ଠିତ ହୋଇଛି । କାଳିଆ ଗାଁ ସ୍ଥିତ ପାଓାର ଗ୍ରୀଡ ତରଫରୁ ଏହି ୪ଟି ବେଡେଡ ଆଇସିୟୁ ପ୍ରଦାନ କରାଯାଇଛି । ସିଏସଆର ଅନ୍ତର୍ଗତ ୪ଟି ଆଇସିୟୁ ସେଟ ଅଫ ପ୍ରଦାନ କରାଯାଇଛି । ଯାହାର ଆନୁମାନିକ ମୁଲ୍ୟ ୧ କୋଟି ଟଙ୍କାରୁ ଉର୍ଦ୍ଧ ହେବ । ପାୱାର ଗ୍ରୀଡ ଓଡିଶା ପ୍ରଜେକ୍ଟର ଏକଜ୍ୟୁଟିଭ ଡାଇରେକ୍ଟର ୱାଇ କେ ଦିକ୍ଷିତ ଉପସ୍ଥିତ ରହି ସିଡିଏମଓ ଅରୁଣ ପାଢୀ, ସୁପରିଟେଣ୍ଡେଂଟ ରବୀନ୍ଦ୍ର ମିଶ୍ରଙ୍କୁ ହସ୍ତାନ୍ତରଣ କରାଇଥିଲେ । ଉକ୍ତ କାର୍ଯ୍ୟକୁ ବରିଷ୍ଠ ଜିଏମ ବି ସି ନାୟକ ,ପାଓର ଗ୍ରୀଡ ମ୍ୟାନେଜର ସୁକାନ୍ତ ପରିଡା, ଅନନ୍ତ ସାହୁ ଉଦ୍ୟମଯୋଗୁଁ ଏହା ସଫଳ ହୋଇ ପାରିଥିଲା । ଆଗାମୀ ଦିନରେ ଆଧୁନିକ ସରଞ୍ଜାମ ପାୱାର ଗ୍ରୀଡ ତରଫରୁ ପ୍ରଦାନ କରାଯିବ ବୋଲି ଆଜି ଆଲୋଚନା ହୋଇଛି । ପାୱାର ଗ୍ରୀଡ଼ର ଏପରି କାର୍ଯ୍ୟକୁ ଜିଲାବାସୀ ପ୍ରଶଂସା କରିଛନ୍ତି ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ଗ୍ରାମ୍ୟ ରାସ୍ତା ଖୋଳାଯିବା ନେଇ ଥାନାରେ ଅଭିଯୋଗ

କେନ୍ଦୁଝର(ପିଏନ) ଝୁମ୍ପୁରା ତହସିଲ ଅନ୍ତର୍ଗତ ବସନ୍ତପୁର ପଞ୍ଚାୟତର ନଈବୁଗା ପଂଚାୟତ ରାସ୍ତାକୁ କେତେକ ମୃଷ୍ଟିମେୟ ଲୋକ ଜେସିବି ମେସିନ ଦ୍ୱାରା ରାସ୍ତା କାଟି ଦେବା ଘଟଣାକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି । ଏହି ଘଟଣାକୁ ନେଇ ଚମ୍ପୁଆ ଉପଜିଲ୍ଲାପାଳ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ କରି ରାସ୍ତା କାଟିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଏହି ବେଆଇନ କାମ ପ୍ରତିବାଦରେ ସ୍ଥାନୀୟ ବସନ୍ତପୁର ସରପଞ୍ଚ ଲିପାରାଣୀ ନାୟକ ବାମେବାରୀ ଥାନାରେ ଲିଖିତ ଏତଲା ଦେଇଥିଲେ ହେଁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଅସନ୍ତୋଷ ବଢୁଛି । ପ୍ରକାଶ ଯେ, ଉକ୍ତ ଗ୍ରାମ୍ୟ ରାସ୍ତା ୧୯୬୫ ମସିହାରୁ ଓଏମ୍‌ସି ଖଣି ପରିବହନ ପାଇଁ ବ୍ୟବହାର କରାଯାଇ ଆସୁଥିଲା । ସେହି ରାସ୍ତାରେ ଗ୍ରାମବାସୀ ମଧ୍ୟ ଯାତାୟତ କରୁଥିଲେ । ତେବେ ଦୀର୍ଘ ପ୍ରାୟ ୧୦୦ ବର୍ଷ ପରେ ୨ଜଣ ଆଦିବାସୀ ରାଇମଣୀ ଚମ୍ପିଆ ଓ ଜୟରାମ ମୁଣ୍ଡା ଚମ୍ପୁଆ ଉପଜିଲ୍ଲାପାଳଙ୍କ କୋର୍ଟରେ ତାଙ୍କ ଜମି ଉପରେ ମେସର୍ସ ତାରିଣୀ ପ୍ରସାଦ ମହାନ୍ତି ଜବର ଦଖଲ କରି ରାସ୍ତା ନିର୍ମାଣ କରି ଖଣି ପରିବହନ କରୁଥିବା ଅଭିଯୋଗ କରିଥିଲେ ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଲେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଳୁ କରିଛନ୍ତି ମହାବିଦ୍ୟାଳୟର ଅଧକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।


2023-2024

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Thursday April 06, 2023 | ଭୁବନେଶ୍ୱର ବୁଧବାର, ଅପ୍ରେଲ ୦୬,୨୦୨୩ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ୬୦ତମ ନୌବାଣିଜ୍ୟ ଦିବସ ପାଳିତ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ୬୦ ତମ ଜାତୀୟ ନୌବାଣିଜ୍ୟ ଦିବସ ବନ୍ଦର ମେରାଇନ ସାଇଟ ନିକଟସ୍ଥ ୱେଟ ବେସିନ ଠାରେ ବୁଧବାର ଦିନ ପାଳିତ ହୋଇଯାଇଛି । ଏହି ଅବସରରେ ବନ୍ଦରର ଅବସରପ୍ରାପ୍ତ ଉପାଧ୍ୟକ୍ଷ ଆଶିଷ କୁମାର ବୋଷ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶର ସମୃଦ୍ଧ ପ୍ରାଚୀନ ନୌବାଣିଜ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ କ୍ଷ ସେହିପରି ୨୦୨୨-୨୩ ଆର୍ଥିକ ବର୍ଷରେ ଦେଶର ଉପକୂଳ ପଣ୍ୟ କାରବାରରେ ୫୮ ନିୟୁତ ମେଟ୍ରିକ ଟନ ପଣ୍ୟ କାରବାର ହୋଇଥିବା ବେଳେ ପାରାଦୀପ ବନ୍ଦର ଗତ ଆର୍ଥିକ ବର୍ଷରେ ୧୩୫ ନିୟୁତ ମେଟ୍ରିକ ଟନ ପଣ୍ୟ କାରବାର କରି କୃତିତ୍ୱ ହାସଲ କରିଥିବା ନେଇ ଶ୍ରୀ ବୋଷ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ସିଭିଓ ଡ଼ଃ. ପ୍ରୀତି ମହତୋ, କୋଷ୍ଟଗାର୍ଡ ଡିଆଇଜି ୱାଇ.କେ.ସିଂ



ପ୍ରମୁଖ ଉପସ୍ଥିତ ରହି ନୌବାଣିଜ୍ୟ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ଏହି ଉତ୍ସବରେ ଭାରତୀୟ ସାମୁଦ୍ରିକ ଶିକ୍ଷରେ ସେଞ୍ଚୁରୀଆନ ୟୁନିଭରସିଟିର ପ୍ରିନ୍ସିପାଲ୍ ଙ୍କର ଅକ୍ଲାନ୍ତ ସେବା ତଥା ଅତୁଳନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା । ବନ୍ଦର ଉପ ସାରଂକ୍ଷକ କ୍ୟାପ୍ଟେନ ଏ.ସି.ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ହାରବର ମାଷ୍ଟର କ୍ୟାପଟେନ ଇନ୍ଦ୍ରନିଲ ମୁଖାର୍ଜୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ମେରାଇନ ଇଂଜିନିୟର ବାବୁଲ ସିକଦାର ଧନ୍ୟବାଦ ଅର୍ପଣ କରିଥିଲେ।

## ମା ନେଙ୍କୁରୁଣୁଣୀ ପୀଠରେ ହନୁମାନଙ୍କ ବାର୍ଷିକ ଉତ୍ସବ

କୋରେଇ, (ପି.ଏନ): ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଂଚାୟତର ଓଟିନ୍ଦା ରୋଡରେ ଥିବା ମା ନେଙ୍କୁରୁଣୁଣୀ ପୀଠ ଠାରେ ଆଜି ହନୁମାନଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ପରି ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି । ପୀଠରେ ପ୍ରତିଷ୍ଠା କରାଯାଇଥିବା ହନୁମାନଙ୍କ ପ୍ରତିମୂର୍ତ୍ତି ନିକଟରେ ଯଜ୍ଞ ଆରମ୍ଭ କରାଯାଇଥିଲା ବେଳେ କ୍ରମଶଃ ଏହାର କାର୍ଯ୍ୟକ୍ରମର ଆକାର ବୃଦ୍ଧି ପାଇପାରେ ଲାଗିଛି । ଭକ୍ତ ମାନଙ୍କ ଦ୍ୱାରା ପୀଠ ନିକଟରେ ମହାବୀର ମୂର୍ତ୍ତି ସ୍ଥାପନା କରାଯାଇଥିବା ବେଳେ ଶିବ ମନ୍ଦିର କାର୍ଯ୍ୟ ଆଗେଇ ଚାଲିଛି । ଆଜି ସକାଳୁ ବିଧି ଅନୁଯାୟୀ ଯଜ୍ଞ କାର୍ଯ୍ୟ ଆରମ୍ଭ ହେବା ସହ ସମୂହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଯଜ୍ଞ ସହିତ ନାମଯଜ୍ଞ ମଧ୍ୟ କରାଯାଇଥିଲା । ପୂଜକ ଭାବେ ପରମାନନ୍ଦ ଶତପଥି, ରାଧାକାନ୍ତ ଶତପଥି ଓ ପ୍ରଶନ୍ନ ପଣ୍ଡା ଯଜ୍ଞ କାର୍ଯ୍ୟ ଆରମ୍ଭ କରିଥିଲେ । ମନୋଜ କୁମାର ବେହେରା ସସ୍ତ୍ରୀକ ଯଜ୍ଞର କର୍ତା ଭାବେ ଯୋଗଦେଇଥିବା ବେଳେ ପ୍ରଭୁଙ୍କ କୃପାରୁ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା । ମାଙ୍କ ପ୍ରତ୍ୟକ ଦିନର ସେବକ ନେଙ୍କୁରୀ ମାଝୀ କାର୍ଯ୍ୟକ୍ରମରେ ସମସ୍ତ ସହଯୋଗ କରିଥିଲେ ।

## ସନ୍ଥ ଅସୀମାନନ୍ଦ ସରସ୍ୱତୀଙ୍କ ଭକ୍ତି ଶ୍ରଦ୍ଧା ସୁମନ କାର୍ଯ୍ୟକ୍ରମ

କଟକ, (ପି.ଏନ) : ଭାରତୀୟ ସନ୍ଥ ପରମ୍ପରାର ଅନ୍ୟତମ ଆଚାର୍ଯ୍ୟ ଅମାୟିକ, ବିନୟୀ, ଅସାଧାରଣ ଜ୍ଞାନୀ ତଥା ଶ୍ରୀରାମ ଚରିତ ମାନସ ଓ ଶ୍ରୀମଦ ଭାଗବତ ଗୀତାର ଧୂରିଣ ବ୍ୟାଖ୍ୟାକାର ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ ବ୍ରହ୍ମଲୀନ ହୋଇଛନ୍ତି । ତାଙ୍କ ମହାପ୍ରୟାଣ ଅବସରରେ ସିଡିଏ ସେକ୍ଟର-୯ ସାଇବିଥିରେ ଏକ ଭକ୍ତି ଶ୍ରଦ୍ଧା ସୁମନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅସୀମାନନ୍ଦ ସରସ୍ୱତୀଙ୍କ ଦର୍ଶନ ଅନୁରାଗୀ ସାମ୍ବାଦିକ ସୁଶାନ୍ତ କୁମାର ଭୂୟାଁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲଭିର ବିଶେଷଜ୍ଞ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ଭେଷଜ ବିଶେଷଜ୍ଞ ପ୍ରଫେସର ଡାକ୍ତର ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଫେସର ଡାକ୍ତର ମଦନ ମୋହନ ସାହୁ, ପ୍ରଫେସର ଡାକ୍ତର ବିନୋଦିନୀ ବେହେରା, ପ୍ରଫେସର ଡାକ୍ତର ବିରଞ୍ଚି ନାରାୟଣ ମଲ୍ଲିକ, ପ୍ରଫେସର ଡାକ୍ତର ପ୍ରଫୁଲ୍ଲ କୁମାର ଦାସ, ଡାକ୍ତର ସମ୍ରାଟ କର, ଆଇନଜୀବୀ ଗଙ୍ଗାଧର ସାମଲ, ଯୁଧିଷ୍ଠିର ମହାରଣା, ରାଜ୍ୟ ସତ୍ୟସାଇ ସଙ୍ଗଠନର ପୂର୍ବତନ ଟ୍ରଷ୍ଟ କନଭେନର ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଜ୍ୟୋତିର୍ବିତ ସାଧକ ଅଜୟ କୁମାର ବେହେରା, ପୂର୍ବତନ ଡିଏଫଓ ଅଲେଖ ଚନ୍ଦ୍ର ସାମଲ, ସମାଜ ସେବୀ ଶରତ କୁମାର ସାହୁ, ସାଇଭକ୍ତ ବିଜୟ କୁମାର ପୃଷ୍ଟି, ଇଞ୍ଜିନିୟର ସଚ୍ଚିଦାନନ୍ଦ ନନ୍ଦ, ବରିଷ୍ଠ



ସାମ୍ବାଦିକ ତଥା ପ୍ରଗତିବାଦୀର କାର୍ଯ୍ୟ ନିର୍ବାହୀ ସମ୍ପାଦକ ବିରୁପାକ୍ଷ୍ୟ ତ୍ରିପାଠୀ, ସାଇ ଉଦ୍ୟୋଗର ପ୍ରତିଷ୍ଠାତା ସୁମନ୍ତ କୁମାର ଭୂୟାଁ, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ନିର୍ଦ୍ଦେଶିକା ଡକ୍ଟର ଅରୁନ୍ଧତୀ ଦେବୀ, ସମାଜ ସେବୀ ତ୍ରିନାଥ ଓଝା, ଅସୀମାଲୋକ ପତ୍ରିକାର ସଂଯୋଜକ ଦେବଦତ୍ତ ବିଶ୍ୱାଳ, କଣ୍ଠଶିଳ୍ପୀ ଅନୁପମା ଭୂୟାଁ, ଅପର୍ଣ୍ଣା ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ସ୍ୱାମୀଜୀଙ୍କ ସହ ଆଧ୍ୟାତ୍ମିକ ଭାବ ସମ୍ପର୍କର ସ୍ମୃତି ଚାରଣ କରିଥିଲେ। ଉପସ୍ଥିତ ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ଓ ଅଭାଷୀ ଯୋଗାଯୋଗ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଶତାଧିକ ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ଓ ସ୍ୱାମୀ ଅସୀମାନନ୍ଦ ସରସ୍ୱତୀଙ୍କ ଶିଷ୍ୟ/ଶିଷ୍ୟାମାନେ ଯୋଗ ଦେଇଥିଲେ। ସ୍ୱାମୀଜୀଙ୍କ ସହ ଏକ ଆତ୍ମିକ ଦୁର୍ଲଭ ମୁହୂର୍ତ୍ତ ବିରଳ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା

## ସୂଚନା ଅଧିକାର ଫର୍ମ ଦ୍ୱାରା ତଥ୍ୟ ମଗାଯାଉଛି କେଉଁ ସ୍ୱାର୍ଥରେ

ଦର୍ପଣ, (ପି.ଏନ): ଜନସାଧାରଣଙ୍କ ଅବଗତି ନିମନ୍ତେ ସରକାର ସୂଚନା ଅଧିକାର ନିୟମ ପ୍ରଣୟନ କରିଛନ୍ତି। ନିଜର ବ୍ୟକ୍ତିଗତ ସ୍ୱାର୍ଥପାଇଁ କେତେକ ଶ୍ରେଣୀର ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିମାନେ ବିଭିନ୍ନ କାର୍ଯ୍ୟାଳୟରେ ସୂଚନା ଅଧିକାର ଫର୍ମ ଦେଇ ତଥ୍ୟ ମାଗୁଛନ୍ତି। ଯେଉଁମାନେ ମାଗୁଛନ୍ତି ଆଜିପର୍ଯ୍ୟନ୍ତ ଅଫିସ ମାନଙ୍କରୁ ପାଉଥିବା ତଥ୍ୟକୁ ପ୍ରକାଶ କରିବାରୁ ଆବଶ୍ୟକତା ଥିଲେ ମଧ୍ୟ ତାହା ପ୍ରକାଶ କରାଯାଉନାହିଁ। ଦୁର୍ନୀତି ବିରୁଦ୍ଧରେ ଯଦି ଏଭଳି ଭାବେ ମଗାଯାଉଛି କେଉଁଠି ଦୁର୍ନୀତି ହୋଇଛି ତାହା ଠିକ ଭାବେ ଜଣାଉନାହାନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି। ପ୍ରକାଶ ଥାଉକି ତହସିଲ, ବ୍ଲକ, ଗ୍ରାମ ଉନ୍ନୟନ ବିଭାଗ, ପୂର୍ତ୍ତ ଓ ଗୃହନିର୍ମାଣ, ଜଳସେଚନ, ଉଠା ଜଳସେଚନ, ଡ୍ରେନେଜ, କ୍ଷୁଦ୍ର ଜଳସେଚନ ବିଭାଗକୁ ଯେଉଁମାନେ ଆର.ଟି.ଆଇ ଆକ୍ଟରେ ମାଗୁଛନ୍ତି ତାହା କେଉଁ ରାସ୍ତା ନିର୍ମାଣ ବ୍ରିଜ, ନଦୀବନ୍ଧ ପ୍ରଭୃତିରେ ଠିକ୍ ଭାବେ କାମ ନହୋଇ ବିଭାଗୀୟ ଅଧିକାରୀ ମାନେ ବିଲ କରୁଛନ୍ତି ତଥ୍ୟ ମାଗିବା ବ୍ୟକ୍ତିମାନେ ତାହା ଖବର କାଗଜ ମାଧ୍ୟମରେ ପ୍ରକାଶ ନକରି ଅର୍ଥ ଲାଳସରେ ମାଗୁଛନ୍ତି ବୋଲି ସାଧାରଣରେ ଯଦି ଏଭଳି ଭାବେ ବିଭାଗୀୟ ଅଧିକାରୀ ମାନଙ୍କୁ ଶହ ଶହ ସଂଖ୍ୟାରେ ମଗାଯାଏ ତାହାଲେ ଅଫିସରମାନେ କାର୍ଯ୍ୟପ୍ରତି ଦୃଷ୍ଟି ନଦେଇ ଏହି ସୂଚନା ଅଧିକାର ଆଇନରେ ବ୍ୟସ୍ତ ରହିବା ଦ୍ୱାରା ନିର୍ମାଣଧିନ କାର୍ଯ୍ୟ ବାଧାପ୍ରାପ୍ତ ହେଉଅଛି। ସରକାର ଏଭଳି ସୂଚନା ଅଧିକାର ନିୟମକୁ ପରିବର୍ତ୍ତଣ କରି ଅନ୍ୟ ନିୟମ ପ୍ରଣୟନ କରିବାକୁ ସାଧାରଣରେ ଦୃଢ ଦାବୀ ହେଉଛି।

# ପୁରୀ ଜିଲ୍ଲା ସ୍ତରୀୟ ପୋଷଣ ପକ୍ଷ ଉଦଯାପିତ

ପୁରୀ,(ପି.ଏନ):ଆମ ପାରମ୍ପରିକ ଖାଦ୍ୟ ରେ ଭରିରହିଛି ଅଜସ୍ର ପୁଷ୍ଟି ଓ ଶରୀର ପାଇଁ ଉପଯୋଗୀ ପୋଷଣ ତତ୍ତ୍ୱ।ମାଣ୍ଡିଆ ଜାତୀୟ ଖାଦ୍ୟ ଏହି ଭଳି ଯଥେଷ୍ଟ ପୁଷ୍ଟି ସାଧନ କରୁଥିବା ଖାଦ୍ୟ।ସେଥିପାଇଁ ସରକାର ଚଳିତ ବର୍ଷ ମିଲେଟ ମିଶନ ଭାବେ ଗ୍ରହଣ କରି ଏହାକୁ ଲୋକାଭିମୁଖୀ କରିବାକୁ ପଦକ୍ଷେପ ନେଇଛନ୍ତି ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ। ଆଜି ପୂର୍ବାହ୍ନରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ସଦଭାବନା ସଭାଗୃହ ଠାରେ ପୋଷଣ ପକ୍ଷ ଉଦଯାପିତ ହୋଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ସାହୁ ପ୍ରତିଟି ସଜୀବ ପାଇଁ ଖାଦ୍ୟ ଆବଶ୍ୟକ।ତେଣୁ ସନ୍ତୁଳିତ ଓ ସମନ୍ୱିତ ଖାଦ୍ୟ ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ଶିକ୍ଷା ପ୍ରଗତି ଓ ସମୃଦ୍ଧି ର ମୂଳଦୁଆ।ତେଣୁ ଅଙ୍ଗନବାଡି କେନ୍ଦ୍ର ରୁ କୋମଳମତି ପିଲାଙ୍କୁ ଉପଯୁକ୍ତ ପୋଷଣ, ଶିକ୍ଷା ଓ ସଂସ୍କାର ପ୍ରଦାନ ରେ ବ୍ରତୀ ହେବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସହକାରୀ ଉଦ୍ୟାନ ଅଧିକାରୀ ମଞ୍ଜୁଳା ତ୍ରିପାଠୀ, ମିଲେଟ ବିଶେଷଜ୍ଞ ଭାବେ ପରିଚିତ ସନ୍ଦୀପ ସେନ ପ୍ରମୁଖ ଯୋଗ ଦେଇ ସମସ୍ତ ଙ୍କ ପାଇଁ ପୋଷଣର ଆବଶ୍ୟକତା ଉପାଦେୟତା ଓ ମାଣ୍ଡିଆ ଜାତୀୟ ଖାଦ୍ୟ ର ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ।ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ ଏଥିରେ ଅଧ୍ୟକ୍ଷତା କରିବା ସହ ମା ଓ ଶିଶୁର ସ୍ୱାସ୍ଥ୍ୟ ରକ୍ଷା ପାଇଁ ବିଭାଗ ଯତ୍ନଶୀଳ ରହିଛି ବୋଲି କହିଥିଲେ।ଏହି ଅବସରରେ ଶ୍ରେଷ୍ଠ ସିଡିପିଓ ଭାବେ ପିପିଲି ସିଡିପିଓ ସ୍ନେହଲତା ନାୟକ,ଶ୍ରେଷ୍ଠ ଅଙ୍ଗନବାଡି କେନ୍ଦ୍ର ଭାବେ ପିପିଲି ମଠସାହି ଅଙ୍ଗନବାଡି କେନ୍ଦ୍ର, ଶ୍ରେଷ୍ଠ ସୁପରଭାଇଜର ଭାବେ ସତ୍ୟବାଦୀ ର ପିୟୁଷମୟୀ ପଣ୍ଡା, ଶ୍ରେଷ୍ଠ ଅଙ୍ଗନବାଡି କର୍ମୀ ଭାବେ ବ୍ରହ୍ମଗିରି ଗୋରୁଆଳ -୨ର ରୋଜାଲିନ ମିଶ୍ର, ଶ୍ରେଷ୍ଠ ହେଲପର ଭାବେ ପୁରୀ ପୌରାଞ୍ଚଳ ଶ୍ରୀକ୍ଷେତ୍ର କଲୋନୀର ବିଣାପାଣୀ ମହାପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।ସେହିପରି ବିଦ୍ୟାଳୟ ସ୍ତରୀୟ କୁଇଜ ପ୍ରତିଯୋଗିତାରେ ପ୍ରଥମ ଡେଲାଙ୍ଗ ର ଶୁଭଲକ୍ଷ୍ମୀ ମହାପାତ୍ର, ଦ୍ୱିତୀୟ ପୁରୀ ସଦର ର ଅଙ୍କିତା ଭୋଳ,ତୃତୀୟ ଅସ୍ତରଙ୍ଗ ର ସ୍ମୃତିଶ୍ରୀ ଗୋଛୟତ, ଚିତ୍ରାଙ୍କନ ପ୍ରତିଯୋଗିତାର ପ୍ରଥମ ବ୍ରହ୍ମଗିରି ର ରୋଶନ ମହାପାତ୍ର, ଦ୍ୱିତୀୟ ପୁରୀ ସଦରର ଆଲିଶା ପ୍ରିୟଦର୍ଶିନୀ ଜେନା, ତୃତୀୟ ଅସ୍ତରଙ୍ଗ ର ଜିଜ୍ଞାସା ସ୍ୱାଇଁ, ପ୍ରବନ୍ଧ ପ୍ରତିଯୋଗିତାର ପ୍ରଥମ ଅସ୍ତରଙ୍ଗ ର ଶୁଭଶ୍ରୀ ଗୋଛୟତ, ଦ୍ୱିତୀୟ ପୁରୀ ପୌରାଞ୍ଚଳ ର ଶ୍ରୀୟା ପ୍ରଧାନ ଓ ତୃତୀୟ କଣାସ ର ଲୋପାମୁଦ୍ରା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା।ସତ୍ୟବାଦୀ ବ୍ଲକ ଅଙ୍ଗନବାଡି ର କୁନି ଝିଅ ଅଭିଲିପ୍ସା ଦାସ, ତୃପ୍ତିମୟୀମହାପାତ୍ର ଓ ସତ୍ୟବାଦୀ ବିଦ୍ୟାଳୟ ର ଛାତ୍ରୀ ମାନେ ସୁନ୍ଦର ନୃତ୍ୟ ପରିବେଷଣ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା।ପ୍ରୋଗ୍ରାମ ଅଫିସର ଶର୍ମିଷ୍ଠା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଅବସରରେ ପୋଷଣଯୁକ୍ତ ଓ ମାଣ୍ଡିଆ ରେ ପ୍ରସ୍ତୁତ ଖାଦ୍ୟର ପ୍ରଦର୍ଶନ କରାଯାଇଥିଲା।

# ଦିଅରର ଟାଙ୍ଗିଆ ଚୋଟରେ ଭାଉଜ ମୃତ

ଦର୍ପଣ, (ପି.ଏନ): ବଡଚଣା ବ୍ଲକ ଅନ୍ତର୍ଗତ କପାଷ୍ଟିକରି ଗ୍ରାମରେ ଦିଅରର ଟାଙ୍ଗିଆ ଚୋଟରେ ଭାଉଜଙ୍କର ମୃତ ହୋଇଛି। ଦୀର୍ଘଦିନର ଜମିବାଡି ବିବାଦ କ୍ଷେତ୍ରରେ ଉଗ୍ରରୂପ ଧାରଣ କଲା ଦିଅରର ଟାଙ୍ଗିଆ ଚୋଟରେ ଭାଉଜର ମୃତ୍ୟୁ ହେବା ଘଟଣା ସ୍ଥାନୀୟ ଅଂଚଳରେ ଆତଙ୍କ ସୃଷ୍ଟି ହେଉଛି। ସେଭଳୀ ଏକ ଲୋମହର୍ଷଣକାରୀ ଘଟଣା ଦେଖିବାକୁ ମିଳୀଛି ବୈରୀ ଥାନା ଅଧିନସ୍ଥ କପାଷ୍ଟିକିରୀ ଗ୍ରାମରେ। ଗୌରାଙ୍ଗ ନାୟକ ଓ ତା ସାନଭାଇ ଜୟନ୍ତଙ୍କ ମଧ୍ୟରେ ଜମିବାଡିକୁ ନେଇ ବିବାଦ ଲାଗିରହିଥିଲା ଦୀର୍ଘବର୍ଷ ଧରି। ସାନ ଭାଇ ଜୟନ୍ତ ଏ ନେଇ ବହୁବାର ଝଗଡା କରିବା ସହିତ ଜୀବନରେ ମାରି ଦେବାକୁ ଧମକ ମଧ୍ୟ ଦେଇଥିଲା ଏ ସମ୍ପର୍କରେ ୫ ବର୍ଷ ତଳେ ବୈରୀ ଥାନାରେ ଅଭିଯୋଗ ମଧ୍ୟ ହୋଇଛି,



ଆଜିସକାଳେ ଗୌରାଙ୍ଗଙ୍କ ଘରେ କେହି ପୁରୁଷ ଲୋକ ନଥିବା ଜାଣି ଅଭିଯୁକ୍ତ ଜୟନ୍ତ ପୂର୍ବ ଯୋଜନା ଅନୁଯାୟୀ ଏକ ଟାଙ୍ଗିଆ ହାତରେ ଧରିଗୌରାଙ୍ଗଙ୍କ ଘର ଭିତରକୁ ପଶିଆସି ୫୫ ବର୍ଷୀୟା ଅନୀତାଙ୍କ ଉପରେ ଅତରିକ୍ତ ଆକ୍ରମଣ କରି ଟାଙ୍ଗିଆ ଦ୍ୱାରା ଆକ୍ରମଣ କରିଥିଲେ। ଘଟଣା ସ୍ଥଳରେ ଅନୀତାଙ୍କ ମୃତ୍ୟୁ ହୋଇଥିବା ଜାଣିପାରି ଜୟନ୍ତ ଖସି ପଳାଇବାର ସକ୍ଷମ ହୋଇଛି। ବୈରୀ ଥାନା ଅଧିକାରୀ ପ୍ରଦୀପ୍ତ କାନୁନଗୋ ବିଶେଷ ସୂତ୍ରରୁ ଖବର ପାଇ ଯାଜପୁର ସାଇଂଟିଫିକ ଟିମ ସହିତ ଘଟଣା ସ୍ଥଳରେ ପହଂଚି ତଦନ୍ତ ଜାରି ରଖିଛନ୍ତି। ମୃତ ମହିଳାଙ୍କଯକ ଶରୀରରେ ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନଥିବା ଦେଖିବାକୁ ମିଳିଛି।

# ଦ୍ୱିତୀୟ ଏନର୍ଜି ଟ୍ରାିସନ୍ ୱାର୍କିଗ୍ରୁପ୍‌ର ମିଟିଂ

ଭୁବନେଶ୍ୱର,(ପି.ଏନ): ଭାରତର ଜି-୨୦ ରାଷ୍ଟ୍ରପତିଙ୍କ ଅଧିନରେ ଚଳିତ ମାସ ଗାନ୍ଧୀନଗରଠାରେ ଦ୍ୱିତୀୟ ଏନର୍ଜି ଟ୍ରାିସନ୍ ୱାର୍କିଗ୍ରୁପ୍‌ର ମିଟିଂ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭାରତରେ ଥିବା ଜି-୨୦ର ସମସ୍ତ ସଦସ୍ୟ, ଶକ୍ତି ମନ୍ତ୍ରଣାଳୟ, ବିଶେଷ ଭାବେ ଆମନ୍ତ୍ରିତ ଦେଶ ଏବଂ ୧୦୦ରୁ ଅଧିକ ପ୍ରତିନିଧି ଭାଗ ନେଇଥିଲେ।ଏନର୍ଜି ଟ୍ରାିସନ୍ ୱାର୍କିଗ୍ରୁପ୍‌ର ବୈଠକରେ ଶକ୍ତି ସଂରକ୍ଷଣ, ସ୍ୱଳ୍ପ ମୂଲ୍ୟରେ ଶକ୍ତି ସଂରକ୍ଷଣର ବିଶେଷତା, ଶକ୍ତି ସୁରକ୍ଷା, ଏହାର ଦକ୍ଷତା, ଅଙ୍ଗାରକାମ୍ଳକୁ ଉଦ୍ୟୋଗିକ ପ୍ରକ୍ରିୟାରେ ବ୍ୟବହାର, ଭବିଷ୍ୟତରେ ସ୍ୱଳ୍ପ ମୂଲ୍ୟରେ ସମସ୍ତଙ୍କ ନିମନ୍ତେ ଇନ୍ଧନ,



ସ୍ୱଚ୍ଛ ଓ ସନ୍ତୁଳିତ ଶକ୍ତିର ବ୍ୟବହାର ଏବଂ ଶକ୍ତି ସଂକ୍ଷଣର ମାର୍ଗ ପରି ୬ଟି ବିଷୟକୁ ନେଇ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ବୈଠକରେ ପ୍ରତିନିଧିମାନେ ବିଶ୍ୱରେ ବ୍ୟବହାର ହେଉଥିବା ସ୍ୱଚ୍ଛ ଶକ୍ତିର ନୂତନ ପଦ୍ଧତିମାନ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏକ ବିକାଶଶୀଳ ଅର୍ଥନୀତି ନିମନ୍ତେ ଶୀତଳ ପ୍ରକ୍ରିୟା ଏବଂ ଅକ୍ଷୟ ଶକ୍ତିର ଯୋଗାଣକୁ ସଠିକ୍ ଭାବେ ତ୍ୱରାନ୍ୱିତ କରିବାକୁ ଏଠାରେ ଆଲୋଚନା କରାଯାଇଥିଲା। ପୂର୍ବରୁ ଏନର୍ଜି ଟ୍ରାିସନ୍ ୱାର୍କିଗ୍ରୁପ୍‌ର ବଙ୍ଗୋଲୋରରେ ହୋଇଥିବା ବୈଠକରେ ସ୍ୱଳ୍ପମୂଲ୍ୟରେ ଶକ୍ତି ସ୍ଥାନାନ୍ତରଣ, ଶକ୍ତି ସୁରକ୍ଷା ଏବଂ ବିଭିନ୍ନ ଅଙ୍ଗାରକାମ୍ଳ ନର୍ଗତ ପ୍ରକ୍ରିୟା ଏବଂ ଭବିଷ୍ୟତ ପାଇଁ ପ୍ରାଥମିକତା ଟେକ୍ନୋଲୋଜୀ ଉପରେ ଆଲୋଚନା କରାଯାଇଥିଲା।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray